# ରେଳ ଦୁର୍ଘଟଣାଜନିତ ହାତୀ ମୃତ୍ୟୁ ରୋକିପାରିଛି 'ଏଆଇ କ୍ୟାମେରା'

ରାଉରକେଲା, ୯।୧୨(ସମିସ)

ରେଳ ଦୁର୍ଘଟଣା ଜନିତ ଜଙ୍ଗଲି ହାତୀ ମୃତ୍ୟୁ ରୋକିବା କ୍ଷେତ୍ରରେ ରାଉରକେଲା ବନ ବିଭାଗକୁ ମିଳିଛି ବଡ଼ ସଫଳତା। ରାଉରକେଲା ବନ ବିଭାଗ ପକ୍ଷରୁ ଏଆଇ(ଆର୍ଟିଫିସିଆଲ୍ ଇଣ୍ଟିଲିଜେନ୍ସ) କ୍ୟାମେରା ଇନଷ୍ଟଲ କରି ରେଳପଥରେ ହେଉଥିବା ହାତୀ ମୃତ୍ୟୁକୁ ରୋକାଯିବା ସମ୍ଭବପର ହୋଇପାରିଛି ବୋଲି ବନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ। ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କହିଲେ ଯେ, ହାତୀ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପ୍ରଥମ ଥର ପାଇଁ ରାଉରକେଲା ବନ ବିଭାଗ ପକ୍ଷରୁ ହାଇ



ଡେଫିନେସନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରାକୁ ଲଗାଇବା ପାଇଁ ପାଇଲଟ ପ୍ରୋଜେକ୍ଟ ଭାବରେ ଗ୍ରହଣ କରି ଏହାକୁ କାର୍ଯ୍ୟକାରୀ କରିଛି। ଏହା କ୍ରମରେ ରେଳ ଧାରଣା ଯାଇଥିବା ହାତୀ ଯାତାୟାତ ସ୍ଥାନରେ ବହୁ ଉଚ୍ଚତା ବିଶିଷ୍ଟ ଟାୱାର ବସାଯାଇ ସେଥିରେ ଏଆଇ କ୍ୟାମେରା ଲଗାଯାଇଛି। ଏହି ହାଇ ଡେଫିନେସନ ଏଆଇ କ୍ୟାମେରା ରାତିରେ ୩ରୁ ୫ କିଲୋମିଟର ମଧ୍ୟରେ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ କରିବା ସହିତ ପ୍ରତି ୧୦ ସେକେଣ୍ଡରେ ୩୬୦ ଡିଗ୍ରୀ ରୋଟେଟ୍ କରୁଛି। ରେଳଧାରଣା ଠାରୁ ୧୦୦ ମିଟର ଦୂରରେ ହାତୀର ଅବସ୍ଥିତି ଥିଲେ ଲାଲ ବତୀ ଜଳି ସୂଚନା ଦେବ। ସେହିପରି ୩୦୦ ମିଟର ଦୂରରେ ଥିଲେ ହଳଦୀ ଓ ୫୦୦ ମିଟର ଦୂରରେ ହାତୀ ଥିଲେ ସବୁଜ ଲାଇଟ ଜଳି ସୂଚନା ଦେବ। ଡିଏଫଓ ଶ୍ରୀ ସେଠୀ କହିଲେ ରାଉରକେଲା ବନ ବିଭାଗ ପକ୍ଷରୁ ଏଆଇ କ୍ୟାମେରା ଲଗାଯିବାର ୧୦ ଦିନ ପରେ ଲକ୍ଷ୍ୟ କରାଯାଇଥିଲା ଯେ, ଗତ ଡିସେମ୍ବର ୬ ତାରିଖ ଦିନ ୨୮ଟି ହାତୀ ରହିଥିବା ଗୋଟିଏ ଦଳ ସୋନାପର୍ବତ ରିଜର୍ଭ ଫରେଷ୍ଟ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଟି ହାତୀ ରିଜର୍ଭ ଫରେଷ୍ଟ ନିକଟରେ ଥିବା ରେଳଧାରଣା ଆଡକୁ ଆଡକୁ ଗତି କରୁଥିଲେ। ଏଆଇ କ୍ୟାମେରା ଏହି ୫ଟି ହାତୀର ଗତିକୁ ଡିଟେକ୍ଟ କରି ବନ ବିଭାଗକୁ ସୂଚନା ପଠାଇଥିଲା। ଫଳରେ ନାଲିବତୀ ଜଳି ଉଠିଥିଲା। ଏହି ଏଆଇ ସିଷ୍ଟମରେ ରେଡ୍, ଏଲୋ ଏବଂ ଗ୍ରୀନ୍ ସିଗନାଲିଂ ବ୍ୟବସ୍ଥା ରହିଛି। ବନ ବିଭାଗ ନିକଟରେ ଥିବା ରେଡ୍ ସିଗନାଲରୁ ଏହା ଜଣାପଡ଼ିବା ପରେ ଏ ନେଇ ତୁରନ୍ତ ବନ୍ଧମୁଣ୍ଡା ସ୍ଥିତ ରେଳ ବିଭାଗର କଣ୍ଟ୍ରୋଲ ରୁମକୁ ଖବର ପଠାଯାଇଥିଲା। ଫଳରେ ଟ୍ରେନକୁ ଅଟକା ଯାଇଥିଲା ଏହାପରେ ରେଳଧାରଣା ଦେଇ ୫ଟି ହାତୀ ସୁରକ୍ଷିତ ଭାବେ ଅତିକ୍ରମ କରିବା ପରେ ଟ୍ରେନ୍ କୁ ଯିବାକୁ ଅନୁମତି ଦିଆଯାଇ ଥିଲା। ଏହି ନୂତନ ପଦକ୍ଷେପ ଯୋଗୁଁ ହାତୀଙ୍କୁ ଦୁର୍ଘଟଣାରୁ ରୋକାଯାଇ ପାରିଛି ବୋଲି ରାଉରକେଲା ଡିଏଫଓ ଯଶୋବନ୍ତ ସେଠି ପ୍ରକାଶ କରିଛନ୍ତି। ଏହି ପାଇଲଟ ପ୍ରୋଜେକ୍ଟରେ ବନ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମହିପାଣି, ସୋନାଖାନ୍, ଡାଲାକୁଦର ଓ ଚାନ୍ଦିପୋଷ ଠାରେ ଟାୱାର ସହିତ ହାଇ ଡେଫିନେସନ ଏଆଇ କ୍ୟାମେରା ଲଗାଯାଇଛି ବୋଲି ଡିଏଫଓ ଯଶୋବନ୍ତ ସେଠୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଏସିଏଫ ସୁରଜିତ କୁମାର ସାହୁ, ରେଞ୍ଜର ଜ୍ଞାନେନ୍ଦ୍ର ଲିମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଦ ନିଶାରେ ସ୍ତ୍ରୀକୁ ଟାଙ୍ଗିଆରେ ହାଣିଲା ସ୍ୱାମୀ

ବଣାଇ, ୯।୧୨(ସମିସ): ବଣାଇ ଉପଖଣ୍ଡ ଟିକାୟତପାଲି ଥାନା କରେଇପୁଟ ଗ୍ରାମରେ ଘଟିଛି ଅଭାବନୀୟ କାଣ୍ଡ। ଗ୍ରାମର ଓରାମ ସାହିରେ ସୋମବାର ପ୍ରସନ୍ନ ମିଞ୍ଜ(୩୫) ମଦ ନିଶାରେ ତା' ସ୍ତ୍ରୀ ରଞ୍ଜିତା ମିଞ୍ଜ(୨୪)କୁ ଟାଙ୍ଗିଆରେ ହାଣି ଗୁରୁତର ଆହତ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ପ୍ରତିଦିନ ପ୍ରସନ୍ନ ମଦ୍ୟ ପାନ କରି ତା ସ୍ତ୍ରୀ ରଞ୍ଜିତା ସହିତ ଝଗଡ଼ା କରୁଥିଲା। ସବୁଦିନ ଭଳି ଆଜି ମଧ ସନ୍ଧ୍ୟା ସମୟରେ ତା' ସ୍ତ୍ରୀ ସହିତ ଝଗଡ଼ା କରିଥିଲା। ମଦ ନିଶାରେ ହିତାହିତ ଜ୍ଞାନ ଭୁଲି ଘରେ ଥିବା ଟାଙ୍ଗିଆରେ ପ୍ରଥମେ ବେକକୁ ଆଘାତ କରିଥିଲା। ଏଥିରେ



ରଞ୍ଜିତା ସଜ୍ଞାହୀନ ହୋଇ ପଡ଼ି ଯିବାରୁ ପ୍ରସନ୍ନ ସେହି ଜାଗାରୁ ଫେରାର ହେଇଯାଇଥିଲା। ଘଟଣାସ୍ଥଳରେ ପ୍ରସନ୍ନର ଭଉଣୀ ପହଞ୍ଚି ଗୁରୁତର ରଞ୍ଜିତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ମଧ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅପରପକ୍ଷରେ ନିଶାସକ୍ତ ପ୍ରସନ୍ନ କେଉଁଆଡ଼େ ଚାଲିଥିବା ଜଣାପଡ଼ିଛି।

# କ୍ଲାଟ୍ ସ୍ନାତକୋତ୍ତର ପରୀକ୍ଷାରେ ରାଉରକେଲାର ଅରୁଣିମା ଠାକୁରଙ୍କ ସଫଳତା



ରାଉରକେଲା, ୯।୧୨(ସମିସ): କ୍ଲାଟ(କମନ୍ ଲ' ଆଡମିଶନ ଟେଷ୍ଟ) ସ୍ନାତକୋତ୍ତର ପରୀକ୍ଷାରେ ସର୍ବଭାରତୀୟ ରାଙ୍କ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ରାଉରକେଲାର ଝିଅ ଅରୁଣିମା ଠାକୁର ସହରବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି। ଅରୁଣିମା ହେଉଛନ୍ତି ସେଲ ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସୁରକ୍ଷା ଇନ୍ସପେକ୍ଟର ଅମିତାଭ ଠାକୁର ଓ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଶିକ୍ଷୟିତ୍ରୀ ରୁମା ଠାକୁରଙ୍କ ସୁପୁତ୍ରୀ। ସେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୨ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ, ସେକ୍ଟର -୧୪ ରାଉରକେଲାରେ ନିଜର ବିଦ୍ୟାଳୟ ପାଠ ପଢ଼ା ସମ୍ପନ୍ନ କରିଥିଲେ। ଅରୁଣିମା ଉଭୟ ଦଶମ ଶ୍ରେଣୀ ଏବଂ ଦ୍ୱାଦଶ ଶ୍ରେଣୀରେ ଯଥାକ୍ରମେ ୯୭.୮ ପ୍ରତିଶତ ଏବଂ ୯୮.୨ପ୍ରତିଶତ ମାର୍କ ସହିତ ଇସ୍ପାତ ସହର ଟପ୍ପର ହୋଇଥିଲେ। ସେ କ୍ଲାଟରେ ୯୯.୯୯୩ ପ୍ରତିଶତ ନମ୍ବର ହାସଲ କରିଛନ୍ତି। ଅରୁଣିମା ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟର 'ୟୁନିଭରସିଟି କଲେଜ ଅଫ୍ ଲ'ରେ ୫ ବର୍ଷୀୟ ଇଣ୍ଟିଗ୍ରେଟେଡ୍ ଆଇନ ପାଠ୍ୟକ୍ରମର ଶେଷ ବର୍ଷରେ ପଢୁଛନ୍ତି। ତାଙ୍କର ସଦ୍ୟତମ ସଫଳତା ସହିତ ସେ ତାଙ୍କ ପରିବାର, ରାଉରକେଲା ଏବଂ ଓଡ଼ିଶା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଅରୁଣିମା ଜଣେ ଆଇଏଏସ୍ ଅଧିକାରୀ ହୋଇ ଦେଶ ସେବା କରିବାକୁ ଆଶାବ୍ୟକ୍ତ କରନ୍ତି।

● କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ

# 'କାନ୍ତକବିଙ୍କ ରଚନାରେ ଦେଶପ୍ରେମର ଝଲକ୍ ରହିଛି'



ରାଉରକେଲା, ୯।୧୨(ସମିସ): ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ବିଦ୍ୟୁତ୍ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୀର କୁମାର ଦୁବେ ମୁଖ୍ୟ ଅତିଥି, କବି କୁଞ୍ଜବିହାରୀ ରାଉତ ଓ ବିଦ୍ୟୁତ୍ କଲୋନୀ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂହ ସମ୍ମାନିତ ଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କାନ୍ତକବିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ବକ୍ତବ୍ୟରେ କାନ୍ତକବିଙ୍କୁ ଏକାଧାରରେ କବି, ସଂଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ତଥା ଶିଶୁ ସାହିତ୍ୟିକ ଭାବେ ଅଭିହିତ କରିବା ସହ ଲକ୍ଷ୍ମୀକାନ୍ତଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସହ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଛାତ୍ର ସୋନୁ ଶର୍ମା ଲକ୍ଷ୍ମୀକାନ୍ତଙ୍କ ଜୀବନୀ ସମ୍ପର୍କରେ ଓ ସମ୍ମାନିତ ଅତିଥି ଶ୍ରୀ ସିଂହ କବିଙ୍କ ଏକ ମାର୍ମିକ କବିତା ଗାନ କରିଥିଲେ। ସେହିପରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସଠିକ୍ ଉତ୍ତର ଦେଇଥବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାପତି ଶ୍ରୀମତୀ ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସଞ୍ଜୁଲତା ଚିନ୍ନାରା, ଶିକ୍ଷକ ଅମର କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୫ରୁ ସ୍ୱଦେଶୀ ମେଳା; ଲାଗିବ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍




ରାଉରକେଲା, ୯।୧୨(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସେକ୍ଟର -୧୩ ମେଲଣ ପଡ଼ିଆଠାରେ ଆଗାମୀ ୨୫ ତାରିଖରୁ ସ୍ୱଦେଶୀ ମେଳା ଆରମ୍ଭ ହେବ। ଏହା ଜାନୁଆରୀ ୫ ତାରିଖ ଯାଏଁ ଚାଲିବ। ସାରା ଦେଶର ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଲାଗିବ। ଏଥିରେ ଲଘୁ, ମଧ୍ୟମ, କୁଟୀର ଶିଳ୍ପ, ହସ୍ତ ଶିଳ୍ପ ତଥା ବୃହତ୍ ସ୍ୱଦେଶୀ କମ୍ପାନୀ ଅଂଶ ଗ୍ରହଣ କରିବେ। ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି, ବିତର୍କ, ମେହେନ୍ଦି, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଭାରତୀୟ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ପକ୍ଷରୁ କୁହାଯାଇଛି। ଏହିକ୍ରମରେ ଆୟୋଜନ ସମିତି ଗଠନ କରାଯାଇ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ସମିତିର ମୁଖ୍ୟ ସଂରକ୍ଷକ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସଂରକ୍ଷକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ପ୍ରାନ୍ତ ସଂଘ ଚାଳକ ତଥା ମ୍ୟୁନିସ୍‌ପାଲ କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ, ରାଉରକେଲା ବଣିକ ସଂଘ ପୂର୍ବତନ ସଭାପତି ବ୍ରିଜ ମୋହନ ଅଗ୍ରୱାଲ, ଗୃହସ୍ଥି ଅଧ୍ୟକ୍ଷ ଗଣେଶ ବଗାଡ଼ିଆ ପ୍ରମୁଖ ଅଛନ୍ତି। ସେହିପରି ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସଚେତନ ନାଗରିକ ମଞ୍ଚର ଆବାହକ ବିମଳ କୁମାର ବିଶି, ୱାଟର୍ କ୍ରାଫ୍ଟ ନିର୍ଦ୍ଦେଶିକା ନିହାରିକା ବସ୍ତିଆ, ଡାମିଟ୍ସର ଯତୀନ ନାଏକ, ପୂର୍ବତନ ବିଧାୟକ ଶଙ୍କର ଓରାମ ପ୍ରମୁଖ ଥିବାବେଳେ ଆୟୋଜନ ସମିତିର ସଂଯୋଜକ ରାଜେଶ ମହାପାତ୍ର, ସହ ସଂଯୋଜକ ମନୋଜ କୁମାର ନାଏକ, ଦେବବ୍ରତ ସ୍ୱାଇଁ, ସଦସ୍ୟ ଧୀରେନ ସେନାପତି, ସୁଦର୍ଶନ ଗୋଏଲ, ରମେଶ ଅଗ୍ରୱାଲ, ବିଏମ୍‌ଏସ୍‌ର ହିମାଂଶୁ ବଳ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଭାତ କୁମାର ସାହୁ, ରିତେଶ ହାଲଦାର, ଭୀମସେନ ନାଏକ, ଭରତ ଗୌଡ଼, ସତ୍ୟବ୍ରତ ପଣ୍ଡା, ଜୟନ୍ତ ପ୍ରଧାନ, ଚନ୍ଦ୍ରିକା ଲାକ୍ରା, ସୁରତ ପଣ୍ଡା, ଦୀନେଶ ଭୋଳ, ପ୍ରମୋଦ ଜେନା ଓ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ରହିଛନ୍ତି।

# ଆଇଜିଏଚ୍‌ରେ 'ପ୍ରୟାସ'ର ଶୁଭାରମ୍ଭ

ରାଉରକେଲା, ୯।୧୨(ସମିସ): ରୋଗୀ ସେବାରେ ଅଧିକ ଉନ୍ନତି ଆଣିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଏକ ଉତ୍ସର୍ଗୀକୃତ ଅଭିଯୋଗ ସମାଧାନ ତଥା ମତାମତ ପ୍ରଣାଳୀ ଆରମ୍ଭ କରିଛି। ଆଇଜିଏଚ୍ ଓ ସି ଆଣ୍ଡ ଆଇଟି ବିଭାଗ ଦ୍ୱାରା ମିଳିତ ଭାବେ ବିକଶିତ ଏହି ନୂତନ ବୈଶିଷ୍ଟ୍ୟ ଆଇଜିଏଚ୍ କେୟାର ଆପ୍‌ରେ ଉପଲବ୍ଧ, ଯାହାକି ଆଇଜିଏଚର ହସ୍ପିଟାଲ




ମ୍ୟାନେଜମେଣ୍ଟ ଇନ୍‌ଫର୍ମେସନ ସିଷ୍ଟମ (ଏଚ୍‌ଏମ୍‌ଆଇଏସ୍) ସହିତ ସଂଯୁକ୍ତ ଅଟେ। ଏହି ପଦକ୍ଷେପ ରୋଗୀଙ୍କ ସମସ୍ୟା ସମାଧାନକୁ ସୁଗମ କରିବା ସହିତ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି। ଆଇଜିଏଚ୍‌ରେ ରୋଗୀ ଭର୍ତ୍ତି ସହିତ 'ପ୍ରୟାସ' ବୈଶିଷ୍ଟ୍ୟ ଉପଲବ୍ଧ ହୋଇଥାଏ। ଆଇଜିଏଚ କେୟାର ଆପ୍ ମାଧ୍ୟମରେ ରୋଗୀମାନେ ଏକ ଅତିରିକ୍ତ ୱିଣ୍ଡୋକୁ ପ୍ରବେଶ କରିପାରିବେ ଯେଉଁଠାରେ ସେମାନେ ସେମାନଙ୍କର ଅଭିଯୋଗ ବର୍ଗ ଚୟନ କରିପାରିବେ ଏବଂ ଏଥିସମ୍ବନ୍ଧୀୟ ବିସ୍ତୃତ ବିବରଣୀ ପ୍ରଦାନ କରିପାରିବେ। ଅଭିଯୋଗ ଦାଖଲ ହେବା ପରେ, ଏହା ଚିକିତ୍ସା ସେବା ମୁଖ୍ୟ ଏବଂ ସଂପୃକ୍ତ ବିଭାଗର ମୁଖ୍ୟଙ୍କୁ ଏଚଏମଆଇଏସ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରେରିତ ହୋଇଥାଏ। ଉତ୍ତରଦାୟିତ୍ୱ ଏବଂ ତ୍ୱରିତ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ବିଭାଗ ମୁଖ୍ୟଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ରୋଗୀମାନଙ୍କୁ ମତାମତ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସକ୍ଷମ କରି, 'ପ୍ରୟାସ' ସେବାମାନରେ ଅଧିକ ଉନ୍ନତି ଏବଂ ରୋଗୀର ସାମଗ୍ରୀକ ସନ୍ତୁଷ୍ଟି ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି। ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଏହାର କାର୍ଯ୍ୟରେ ନିରନ୍ତର ଉନ୍ନତି ପାଇଁ ଏହି ନୂତନ ବ୍ୟବସ୍ଥା ଆଇଜିଏଚ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି।

# କାର୍ ଧକ୍କାରେ ବୃଦ୍ଧ ଗୁରୁତର



ବଣାଇଁ, ୯।୧୨(ସମିସ): ବଣାଇଁଥାନା ୧୪୩ ନମ୍ବର ଜାତୀୟ ରାଜପଥର ଦରେଇକଳା ଛକ ନିକଟରେ ଏକ କାର ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ରାତି ପ୍ରାୟ ୮.୩୦ ପାଖାପାଖି ଦରେଇକଳା ଗ୍ରାମର ଗଣନାଥ ପାତ୍ର (୬୦) ନିଜ ପରିବା ଦୋକାନ ବନ୍ଦ କରି ଘରକୁ ଯିବା ପାଇଁ ରାସ୍ତା ପାରି ହେଉଥିବା ବେଳେ ରାଉରକେଲା ଅଭିମୁଖେ ଯାଉଥିବା ଏକ କାର୍ ଗଣନାଥଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିବା ଜଣାପଡ଼ିଛି। କିଛିଦିନ ହେବ ବାବୁ ନୂଆଗାଁ ଛକ ନିକଟରେ ଏନ୍‌ଏଚ୍‌ର ଗୋଟିଏ ପାର୍ଶ୍ୱକୁ ବନ୍ଦ୍ କରି ରାସ୍ତା କାର୍ଯ୍ୟ ଚାଲୁରହିଛି। ଫଳରେ ଗାଡ଼ିଗୁଡ଼ିକ ଗୋଟିଏ ପାର୍ଶ୍ୱ ଦେଇ ଯିବା ଆସିବା କରିବା ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କହିଛନ୍ତି ସ୍ଥାନୀୟ ଲୋକେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ୮ ଶ୍ରେଣୀକୁ ୪ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ



ରାଜଗାଙ୍ଗପୁର, ୯।୧୨(ସମିସ): ରାଜଗାଙ୍ଗପୁର ୱାର୍ଡ ନମ୍ବର ୭ସ୍ଥିତ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଥିବା ୮ଟି ଶ୍ରେଣୀ ପାଇଁ ୪ଜଣ ଶିକ୍ଷକ ରହିଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ୧୯୫୮ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୮ଟି ଶ୍ରେଣୀରେ ୧୮୬ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିବା ବେଳେ ଗୋଟିଏ କକ୍ଷରେ ଦୁଇଟି ଶ୍ରେଣୀର ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ୨ତାରିଖରେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ଅଭିଭାବକମାନେ ତାଲା ପକାଇ ପ୍ରତିବାଦ କରିଥିଲେ। ଦାୟିତ୍ୱରେ ଥିବା ସହାୟକ ବ୍ଲକ ଶିକ୍ଷା ଅଧିକାରୀ ଅଭିଭାବକଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ମଧ୍ୟ ଶିକ୍ଷକ ଏ ପର୍ଯ୍ୟନ୍ତ ନିଯୁକ୍ତି ଦେଇନଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୁଷ୍ଟ ଦେଖାଯାଇଛି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସେଲ୍ ଆର୍‌ଏସ୍‌ପିରେ ସ୍ଲାବ୍ ୟାର୍ଡ କ୍ରେନ୍ ପାଇଁ ଅଭିନବ ଧକ୍କା ନିରୋଧୀ ପ୍ରଣାଳୀ କାର୍ଯ୍ୟକ୍ଷମ



ରାଉରକେଲା, ୯।୧୨(ସମିସ): ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚଏସଏମ-୨), ଏହାର ସ୍ଲାବ୍ ୟାର୍ଡରେ ଥିବା ଇଲେକ୍ଟ୍ରିକ୍ ଓଭରହେଡ୍ ଟ୍ରାଭେଲିଂ (ଇଓଟି) କ୍ରେନ୍ ପାଇଁ ଏକ ଅଭିନବ ଧକ୍କା ନିରୋଧୀ ଆଲାର୍ମ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରିଛି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଆହ୍ୱାନର ସଫଳ ସମାଧାନ କରିଛି। ଏହି ପ୍ରଣାଳୀ ସମାନସ୍ତରରେ କ୍ରେନ୍ ଧକ୍କା ହେବାର ଆଶଙ୍କାକୁ ପ୍ରଭାବଶାଳୀ ଭାବରେ ଦୂର କରିଛନ୍ତି। ଏହାପୂର୍ବରୁ, କ୍ରେନ୍ ୩ ଏବଂ ୫ ବିଭିନ୍ନ ବିଏସଏଲସ୍ତରରେ କାର୍ଯ୍ୟ କରୁଥିଲା। ଯେଉଁଥିରେ ସେମାନଙ୍କର କାର୍ଯ୍ୟ ଜୋନ୍‌ଗୁଡ଼ିକ ଓଭରଲାପ ହୋଇ ଧକ୍କା ହେବାର ଆଶଙ୍କା ରହୁଥିଲା। ଅତୀତର ଘଟଣାଗୁଡ଼ିକ ଯେଉଁଥିରେ ଯାନ୍ତ୍ରିକ କ୍ଷତି ସାମିଲ ଥିଲା, ଏହିପରି ଦୁର୍ଘଟଣାକୁ ରୋକିବା ପାଇଁ ସମାଧାନର ଆବଶ୍ୟକତା ଅନୁଭୂତ କରିଥିଲା। ଏହି ପରିପ୍ରେକ୍ଷୀରେ ଏଚଏସଏମ-୨ ଇଲେକ୍ଟ୍ରିକାଲ୍ କ୍ରେନ୍ ଗ୍ରୁପ୍ ଏକ ଇନ୍-ହାଉସ୍ ଧକ୍କା ନିରୋଧୀ ଆଲାର୍ମ ସିଷ୍ଟମ ବିକଶିତ କରି ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ଏବଂ ଅପରେଟରଙ୍କୁ ସଚେତନ କରିବା ପାଇଁ ପରିକଳ୍ପିତ କରାଯାଇଥିଲା। ଏଚ୍‌ଏସ୍‌ଏମ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଉକ୍ତ ନୂତନ ବ୍ୟବସ୍ଥାକୁ ସିଜିଏମ ଇଲେକ୍ଟ୍ରିକଲ ଆର କେ ମୁଦୁଲି, ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ସୂଚନାଯୋଗ୍ୟ ଯେ, ସୁବ୍ରତ କୁମାର ଓ ଆର କେ ମୁଦୁଲିଙ୍କ ମାର୍ଗଦର୍ଶନରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ ଓ ସେକ୍ସନ ମୁଖ୍ୟ ଆର କୁଜୁର ଏବଂ ଜିଏମ ଏସ୍ ସୋରେନ୍, ଜିଏମ୍ ଓ ସିନିୟର ମ୍ୟାନେଜର ତ୍ରିବିକ୍ରମ ସେଠ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ। ଆର୍‌କେ ପଣ୍ଡା, ଏସ୍ ମଲ୍ଲିକ, କେସି ଆଧା ଏବଂ ବିଭାଗୀୟ ଦଳ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଇନ୍-ହାଉସ୍ ସମାଧାନ କାର୍ଯ୍ୟକ୍ଷମ ବ୍ୟାଘାତ, ଗଠନମୂଳକ କ୍ଷତି ଏବଂ ଖର୍ଚ୍ଚକୁ ଯଥେଷ୍ଟ କମ୍ କରିବା ସହିତ କ୍ରେନ୍ କାର୍ଯ୍ୟରେ ନିରାପତ୍ତା ପାଇଁ ଏକ ନୂତନ ମାନକ ସ୍ଥିର କରିଛି।

# ରାଉରକେଲା ପୁଲିସ ପକ୍ଷରୁ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ରାଉରକେଲା, ୯।୧୨(ସମିସ)

ରାଉରକେଲା ରିଜର୍ଭ ପୁଲିସ୍ ପଡ଼ିଆଠାରେ ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଓ ଦୌଡ଼କୁଦ ପ୍ରତିଯୋଗିତା ୨୦୨୪ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୧୩

● ଭାଗନେଲେ ୧୬୫ ଯବାନ ଓ ଅଧିକାରୀ



ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାକୁ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଏହି ପ୍ରତିଯୋଗିତା ଦ୍ୱାରା ଯବାନମାନଙ୍କ ମଧ୍ୟରେ ରହିଥିବା ଲୁକାୟିତ କ୍ରୀଡ଼ା ପ୍ରତିଭା ଲୋକଲୋଚନ ଆସିବା ସହ ଶାରୀରିକ ଓ ମାନସିକସ୍ତରରେ ଫିଟ୍ ରହିବାରେ ଏହା ସହାୟ ହେବ। ସମ୍ମାନିତ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ୧ମ କ୍ରୀଡ଼ା ବାର୍ଷିକୋତ୍ସବ ଓ ଦୌଡକୁଦ-୨୦୨୪ ପତାକା ଉତ୍ତୋଳନ ପରେ ଉଭୟ ଡିଆଇଜି ଶ୍ରୀ ରାୟ ଓ ଏସ୍‌ପି ଶ୍ରୀ ୱାଧୱାନୀ କ୍ରୀଡ଼ାବିତଙ୍କ ଦ୍ୱାରା ଆୟୋଜିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକୁମାର ମିଶ୍ର ପରିଚାଳନା କରିଥିଲେ। ଆୟୋଜିତ ଏହି ଦୌଡକୁଦ ପ୍ରତିଯୋଗିତାରେ ଯବାନ ଠାରୁ ଆରମ୍ଭ କରି ସବୁ ପାହ୍ୟାର ପୁଲିସ କର୍ମଚାରୀ ଉଭୟ ପୁରୁଷ ଓ ମହିଳା ବର୍ଗରେ ମୋଟ ୧୬୫ ଜଣ ଅଂଶଗ୍ରହଣ କରିଛନ୍ତି। ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ କ୍ରୀଡାବିତମାନେ କ୍ରୀଡାରେ ଶୃଙ୍ଖଳା ରକ୍ଷା ସହ ସମସ୍ତ ନିୟମ ମାନି ଖେଳିବା ପାଇଁ ଶପଥ ପାଠ କରିଥିଲେ। ପ୍ରଥମ ଦିନରେ ୧୦୦ ମିଟର ଏବଂ ୪୦୦ ମିଟର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୪୦୦ ମିଟର ପୁରୁଷ ଫାଇନାଲରେ ସନ୍ତୋଷ ସେଠୀ, ବିଜୟ କିଷାନ ଓ ଛୋଟୁ କେରକେଟା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଡିଆଇଜି ଏକାଦଶ ଓ ଏସ୍‌ପି ଏକାଦଶ ମଧ୍ୟରେ ଆୟୋଜିତ ଭଲି ଟୁର୍ଣ୍ଣାମେଣ୍ଟରେ ଏସ୍‌ପି ଏକାଦଶ ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ୫ ଦିନ ଧରି ହେବାକୁ ଥିବା ଦୌଡ଼ ପ୍ରତିଯୋଗିତା ସମେତ ଡିସକସ୍ ଥ୍ରୋ, ସଟପୁଟ୍ ଥ୍ରୋ, ଜାଭଲିନ ଥ୍ରୋ, ହକି, କ୍ରିକେଟ, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ ଆଦି ଇଭେଣ୍ଟ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

# ଜୈବିକ ସାଧନ କେନ୍ଦ୍ର ଉଦ୍‌ଘାଟିତ

ସିନାପାଲି, ୯।୧୨(ସମିସ): ରାସାୟନିକ ବଦଳରେ ଜୈବିକ ପଦ୍ଧତିରେ ବିଭିନ୍ନ ସାର ଓ କୀଟନାଶକ ଔଷଧ ପ୍ରସ୍ତୁତ କରି ନିଜେ ସ୍ୱାବଲମ୍ବୀ ହେବା ସହ ଚାଷୀମାନଙ୍କୁ ଉନ୍ନତମାନର ଜୈବିକ ପଦ୍ଧତିରେ ତିଆରି ସାମଗ୍ରୀ ଯୋଗାଇ ଚାଷ ପଦ୍ଧତିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟ ନେଇ ଜୈବିକ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମିଶନ ଶକ୍ତି ଓ ହର୍ଷା ଟ୍ରଷ୍ଟ ଦ୍ୱାରା ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାଳ ଗ୍ରାମରେ ମା' ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି କେନ୍ଦ୍ର ଆରମ୍ଭ ହୋଇଛି। ଅବସରରେ ଗ୍ରାମୀଣ ଜୀବିକା ମିଶନ ବିପିଏମ ମିଥୁନ ତାଣ୍ଡି, ମିଶନ ଶକ୍ତି ବିପିସି ରାଜେଶ କୁମାର ସାହୁ, ନୂଆପଡ଼ା ଜିଲ୍ଲା ହର୍ଷ ଟ୍ରଷ୍ଟର ଡିପିଏଲ ବନପ୍ରଭା ସେଠୀ, ସିନାପାଲି



ବ୍ଲକ ବିପିଏଲ ରାହୁଲ ମେହେର, ଗୋଡାଳ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଦିପ୍ତିମୟୀ ନାଏକ, କୃଷି ମିତ୍ର ସୁଜାତା ନାଏକ, ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଯୁଗରେ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ କରି ମାଟିର ଉର୍ବରତା କମିବା ସହ ଚାଷ କାର୍ଯ୍ୟରେ ଅନେକ ରୋଗ ପୋକ ବ୍ୟାପୁଛି। ଏପରିକି ଆବଶ୍ୟକତା ଅନୁସାରେ ଅମଳ ହେଉ ନାହିଁ। ଏଣୁ ଜୈବିକ ପ୍ରଣାଳୀରେ ପ୍ରସ୍ତୁତ ସାମଗ୍ରୀ ଉପରେ ଗୁରୁତ୍ୱ ଦେବାକୁ ମତପ୍ରକାଶ ପାଇଥିଲା।

# ରେଙ୍ଗାଲପାଲିରେ ମଣ୍ଡି ସ୍ଥାପନ ପାଇଁ ଗର୍ଜିଲେ ଚାଷୀ

## ପ୍ରଶାସନ ଅଣଦେଖା କଲେ ବ୍ୟାପକ ଆନ୍ଦୋଳନ ଚେତାବନୀ

କୋକସରା, ୯।୧୨(ସମିସ)

ଖରିଫ୍ ଧାନ ଚାଷ ସରିବାକୁ ଯାଉଥିବାବେଳେ ଚାଷୀକୁ ମଣ୍ଡି ଚିନ୍ତା ଘାରିଛି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରାୟ ବ୍ଲକରେ ମଣ୍ଡି ସ୍ଥାପନ ନେଇ ସମସ୍ୟା ଉପୁଜୁଥିବା ଖବର ହସ୍ତଗତ ହୋଇଛି। ଏହି କ୍ରମରେ କୋକସରା ପେକ୍ସ ଅଧୀନରେ ମଣ୍ଡି ସ୍ଥାପନକୁ ନେଇ ଗର୍ଜିଛନ୍ତି ରେଙ୍ଗାଲପାଲି ପଞ୍ଚାୟତର ଚାଷୀ।

କୋକସରା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ କୋକସରା ଧାନ ମଣ୍ଡିରେ ରେଙ୍ଗାଲପାଲି, ମାଝୀଗୁଡା ଓ କୋକସରା ପଞ୍ଚାୟତର ଚାଷୀ ଧାନ ବିକ୍ରି କରି ଆସୁଥିଲେ। ତେବେ ଅଧିକ ସଂଖ୍ୟାରେ ଚାଷୀଥିବାରୁ ତଥା ମଣ୍ଡିରେ ଉତ୍ତମ ଭିତ୍ତିଭୂମି ନ ଥିବାରୁ ମାଝୀଗୁଡା ଓ ରେଙ୍ଗାଲପାଲିରେ ମଣ୍ଡି ସ୍ଥାପନ ପାଇଁ ଦାବି ହୋଇ



ଆସୁଥିଲା। ପ୍ରଶାସନ ଏହାକୁ ବିଚାରକୁ ନେଇ ରେଙ୍ଗାପାଲି ପଞ୍ଚାୟତର ଝରିଆଗୁଡାରେ ଏକ ନୂତନ ଉପମଣ୍ଡି ସ୍ଥାପନ କରିଛନ୍ତି। ଚଳିତ ଖରିଫ ଋତୁ ପାଇଁ ଏଠାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ରେଙ୍ଗାଲପାଲି ପଞ୍ଚାୟତର ଡଙ୍ଗରୀଗୁଡା, କାଦୋପଦର, ପାଣିଗାଁ, କଛାରପଦର ଓ ରୋଙ୍ଗାଲପାଲିର ଚାଷୀ ପଞ୍ଚାୟତ ମୁଖ୍ୟାଳୟ ରେଙ୍ଗାଲପାଲିରେ ହିଁ ମଣ୍ଡି ସ୍ଥାପନ ହେବ ବୋଲି ଦାବି କରିଛନ୍ତି। ଯଦି ଏଠାରେ ମଣ୍ଡି ସ୍ଥାପନ ନ ହୁଏ ତେବେ ଭୟାଭୟ ଆନ୍ଦୋଳନ ହେବ ବୋଲି ଚାଷୀ ରାମକୃଷ୍ଣ ପଟ୍ଟନାୟକ, ସତ୍ୟବାନ ପାଣିଗ୍ରାହୀ, ସହଦେବ ନେଗୀ, ଦୁର୍ଯ୍ୟୋଧନ ଚଣ୍ଡୀ, ଡିଙ୍ଗର ଚଣ୍ଡୀ, ଟିକଚନ ଚଣ୍ଡୀ, ପ୍ରସାନ୍ତ କେତକୀ, ଚନ୍ଦ୍ରମଣି ପୂଝାରୀ, ଶହଦେବ ଶବର, ପିତାମ୍ବର ଶବର, ସୁବାଷ କେତକୀ, ମକର ନାଏକ, ଚିତ୍ରସେନ କେତକୀ, ଲିଙ୍ଗରାଜ ଶବର, କଳ୍ପବଟ ପଟ୍ଟନାୟକ, ବନମାଳୀ ପଣ୍ଡା, ଭକ୍ତ ଚରଣ ଗୋପାଳ, ଯୋଗେଶ୍ୱର ଚଣ୍ଡୀ, ଲାଲ ପୁଝାରି, ହେମନ୍ତ ଚଣ୍ଡୀ, ଅଗାଧୁ ଗହୀର, ମଧୁସୂଦନ, ପୂଝାରି, ନୀଳଧର ମାଝୀ, ମଧୁସୂଦନ ପଟ୍ଟନାୟକ, ଦୁତି କୃଷ୍ଣ ନାଏକ, ମଧୁସୂଦନ ପଟ୍ଟନାୟକ ସମେତ ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି।

**ପ୍ରବାସୀ ଶ୍ରମିକ ସଚେତନତା ଧୂଆଁବାଣ**

# ଦାଦନ ଗଲେଣି ୨୦ ହଜାର ଶ୍ରମିକ

ନୂଆପଡ଼ା, ୯।୧୨(ସମିସ): ନୂଆପଡ଼ା ଜିଲ୍ଲାରେ ଦାଦନ ଚାଲାଣ ରୋକିବାକୁ ପ୍ରଶାସନ ତଥା ରାଜ୍ୟ ସରକାର ଯେତେ ପ୍ରୟାସ କରୁଥିଲେ ମଧ୍ୟ ସବୁ ଫେଲ୍ ମାରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ଭାବେ ୨ହଜାର ଲୋକ ରାଜ୍ୟ ବାହାରକୁ ଯାଇଥିବା ରେକର୍ଡ କହୁଥିଲେ ହେଁ ପ୍ରକୃତ ପକ୍ଷେ ୨୦ହଜାର ଲୋକ ବାହାରକୁ ଚାଲାଣ ହୋଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ଜିଲ୍ଲାପାଳ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖି ଜିଲ୍ଲାବ୍ୟାପି ସଚେତନତା ଚଳାଇଥିଲେ ମଧ୍ୟ ସବୁ ଧୂଆଁବାଣ ହୋଇଛି। ପ୍ରକାଶ ଯେ ଜିଲ୍ଲାର ୫ଟି ବ୍ଲକରୁ ଅନ୍ୟୁନ ୫୦ହଜାରରୁ ଅଧିକ ଶ୍ରମିକ ରାଜ୍ୟ ବାହାରକୁ ଯାଉଥିବା କୋଭିଡ ବେଳେ ଅର୍ଥାତ ୨୦୨୦ ବର୍ଷର ଏକ ରିପୋର୍ଟରୁ ଜଣାପଡ଼ିଥିଲା। ଏମାନେ ସାଧାରଣତଃ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଗୁଜରାଟ ଭଳି ରାଜ୍ୟକୁ କାମ ଅନ୍ୱେଷଣରେ ଯାଇଥାନ୍ତି। ପ୍ରତିବର୍ଷ ଅକ୍ଟୋବର ମାସରେ ରାଜ୍ୟ ବାହାରୁ ଶ୍ରମିକ ସର୍ଦ୍ଦାରମାନେ ଆସି ଶ୍ରମିକ ପରିବାରଗୁଡ଼ିକୁ ଅଗ୍ରୀମଟଙ୍କା ଦେଇଯାନ୍ତି।



ଏବର୍ଷ ମଧ୍ୟ ତଦ୍ରୂପ ଶତାଧିକ ସର୍ଦ୍ଦାର ଆସି ବଇନା ଟଙ୍କା ଦେଇଯାଇଥିଲେ ବୋଲି ଅଭିଯୋଗ ହେଉଛି। ଶ୍ରମିକ ଚାଲାଣ ରୋକିବାକୁ ଏବେର ଜିଲ୍ଲାପାଳ ଜିଲ୍ଲାବ୍ୟାପି ମନରେଗାରେ କର୍ମ ଯୋଗାଣର ବ୍ୟବସ୍ଥା କଲେ। ବିଭିନ୍ନ ଜାଗାରେ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରି ଚାଲିଛନ୍ତି। ଏହାଦେଖି ଶ୍ରମିକ ନେତା, ସର୍ଦ୍ଦାରମାନେ ଅଧିକ ତତ୍ପର ହୋଇପଡ଼ିଥିବା ଦେଖାଯାଇଛି। ପ୍ରଶାସନ ଡାକେଡାକେ ଗଲେ ଶ୍ରମିକ ଚାଲାଣକାରୀ ସର୍ଦ୍ଦାରମାନେ ପତ୍ରେପତ୍ରେ ଯିବାକୁ ବସିଲେ। ଉଲ୍ଲେଖ ଯୋଗ୍ୟ ଯେ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି ହେଲେ ଧରପଗଡ଼ ଶୂନ ହୋଇଥିବାରୁ ଦିନରାତି ହଜାର ହଜାର ସଂଖ୍ୟାରେ ଶ୍ରମିକ ଚାଲାଣ ହେଉଥିବା ଦେଖାଯାଉଛି। ଏପରିକି ଜିଲ୍ଲାର ସିନାପାଲି ବ୍ଲକକୁ ପ୍ରତ୍ୟହ ୮/୯ଟି ବସ୍ ଖୋଲାଖୋଲି ଆସୁଥିବା ସିନାପାଲିବାସୀ କହୁଛନ୍ତି। ପର୍ଯ୍ୟଟନ ନାଁରେ ପ୍ରଶାସନର ଆଖି ସାମ୍ନାରେ ନେଇ ଯାଉଛନ୍ତି ଶ୍ରମିକଙ୍କୁ। ଏନେଇ ପୁଲିସ ପ୍ରଶାସନକୁ କହିଲେ ଏହା ଶ୍ରମ ବିଭାଗର କାମ ବୋଲି ଏଡ଼ାଇଦେଉଛନ୍ତି। ପୂର୍ବ ବର୍ଷ ମାନଙ୍କରେ ପ୍ରତିଦିନ ଶ୍ରମିକ ଚାଲାଣକୁ ନେଇ ୪/୫ଟି ମାମଲା ରୁଜୁ ହେଉଥିଲା। ହେଲେ ଏହି ବର୍ଷ ଜିଲ୍ଲାରେ ଗୋଟିଏ ବି ମାମଲା ଏଯାବତ ନଜରକୁ ଆସିନାହିଁ। ଏନେଇ ନାନାଦି ଚର୍ଚ୍ଚା ଜୋର ଧରିଛି। ଉଲ୍ଲେଖ ଯୋଗ୍ୟଯେ ଏବେର ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରତି ସୋମବାର ବ୍ଲକଗୁଡ଼ିକରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରି ସେହି ବ୍ଲକରେ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ତାରି ପ୍ରଭାବ ସେତେଟା ଅନୁଭୁତ ହେଉନାହିଁ। ଏହାର ଆଗକୁ ପ୍ରଭାବ ନିଶ୍ଚିତ ଭାବେ ରହିବ ହେଲେ ଏବେ ସେତେଟା ଦୃଶ୍ୟମାନ ହେଉନାହିଁ। ଜିଲ୍ଲା ଶ୍ରମ ବିଭାଗର ରିପୋର୍ଟ ଅନୁସାରେ ଜିଲ୍ଲାରେ ମୋଟ ୩୦୦ ଶ୍ରମିକ ସର୍ଦ୍ଦାରଙ୍କ ନାମ ପଞ୍ଜିକୃତ ହୋଇଛି। ହେଲେ ଏଯାବତ ମାତ୍ର ୭୦ ଜଣଙ୍କ ନାମ ନବୀକରଣ ହୋଇଛି। ଶ୍ରମିକ ଚାଲାଣକୁ ନେଇ ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲାଙ୍କ କହିବାନୁଯାୟୀ, ଆମେ ସିନାପାଲି ଗସ୍ତ କରି ଦେଖିଥିଲୁ। ବସ୍ ଆସିବା ଖବର ସତ କିନ୍ତୁ ଆମରି ତଦନ୍ତ ଦିନ ସବୁ ବସ୍ ଚମ୍ପଟ ମାରିଥିଲେ। ଆମ ପାଖରେ ସେତେ କର୍ମଚାରୀ ନଥିବାରୁ ଧରପଗଡ଼ ସମ୍ଭବ ହେଉନାହିଁ ବୋଲି କହିଛନ୍ତି। ତେବେ ସଚେତନତା ସାଙ୍ଗକୁ ଧରପଗଡ଼ ନିହାତି ଭାବେ କିଛିଟା ଶ୍ରମିକ ଚାଲାଣକୁ ରୋକ ଲଗାଯାଇ ପାରିବ ବୋଲି କୁହାଯାଉଛି।

**ରାସ୍ତା କାଦୁଅ କରୁଛି ଧାନକଟା ମେସିନ୍**

# ବେଫିକର ହାର୍‌ଭେଷ୍ଟର ମାଲିକ; କଲବଲ ଜନତା

କୋକସରା, ୯।୧୨(ସମିସ): କୋକସରା ଅଞ୍ଚଳରେ ଜୋରସୋରରେ ଧାନ କଟା ଚାଲିଛି। ଚାଷୀ ଧାନ କଟିବା ପାଇଁ ହାରଭେଷ୍ଟର (ଧାନକଟା ମେସିନ) ସାହାଯ୍ୟ ନେଇଛନ୍ତି। ତେବେ କିଛି ଟ୍ରାକ୍ଟର ଓ ହାରଭେଷ୍ଟର ମାଲିକ ଜମିରୁ ଧାନ କାଟି ସାରିବା ପରେ ମେସିନ୍ ସଫା ନ କରି ନେବା ଆଣିବା କରିବା ଯୋଗୁଁ ରାସ୍ତାରେ କାଦୁଅ ପଡ଼ିରହିଛି। ଏହାଫଳରେ ଲୋକେ ଅନେକ ହଇରାଣ ହରକତ ହେବା ସହ ଦୁର୍ଦ୍ଦଶା ଭୋଗୁଛନ୍ତି। କୋକସରା ବ୍ଲକ ସଦର ମହକୁମା ଶିବମନ୍ଦିର ଛକଠାରୁ ଧର୍ମଗଡ଼କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଏହି ରାସ୍ତାର ରଜାମୁଣ୍ଡା ବୁଲାଣି ନିକଟରୁ ଝରିଆଗୁଡା ପର୍ଯ୍ୟନ୍ତ ଓ ଛିଲିପାମାଲ ଜଗନ୍ନାଥ ମନ୍ଦିର ଛକରୁ ଗାଁ ମୁଣ୍ଡ ପର୍ଯ୍ୟନ୍ତ ସ୍ଥାନେ କାଦୁଅ ପଡ଼ିରହିଛି। ଏହା ଫଳରେ ରାସ୍ତାରେ ଯା' ଆସ କରିବା ଲାଗି ଲୋକେ ଭୟ ସଂଚାର କରୁଛନ୍ତି। ଏଣେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା



ଆଶଙ୍କା ରହିଛି। କାଦୁଅ ଯୋଗୁଁ ବାଇକ୍ ସ୍ଲିପ୍ ହେବାରୁ ଗାଡ଼ିଚାଳକ ରାସ୍ତା ଉପରେ ଖସିପଡ଼ି ଖଣ୍ଡିଆ ଖାବରା ମଧ୍ୟ ହେଉଛନ୍ତି। ସେହିପରି ଝରିଆଗୁଡାରୁ ରେଙ୍ଗାଲପାଲି ଯିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାରେ ମଧ୍ୟ ସମାନ ଅବସ୍ଥା। ଟ୍ରାକ୍ଟର ଓ ହାରଭେଷ୍ଟର ସଫା ନ କରି ନେବା ଆଣିବା ଯୋଗୁଁ ରାସ୍ତାରେ ପରସ୍ତ ପରସ୍ତ କାଦୁଅ ଜମି ରହିଛି। ଏହି ରାସ୍ତାରେ ଯାତାୟାତ କରିବା ସମୟରେ ବାଇକ୍ ସ୍ଲିପ୍ ହେଉଛି। ତେଣୁ ସାଇଡ୍ ଦେବା ସମୟରେ ଟିକିଏ ନଜର ହଟିଲେ ଦୁର୍ଘଟଣା ଘଟିଥିବା ଏକ ପ୍ରକାର ଥୟ। ସ୍ଥାନୀୟ ଲୋକମାନେ ହାରଭେଷ୍ଟର ମାଲିକମାନଙ୍କୁ ଧାନ କାଟି ସାରିବା ପରେ ଗାଡ଼ି ସଫା କରି ରାସ୍ତାରେ ନେବାକୁ କହି ଆସୁଥିଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି। କାଦୁଅ ଭର୍ତ୍ତି ହୋଇଥିବା ମେସିନକୁ ବାରମ୍ବାର ରାସ୍ତାରେ ନେବା ଆଣିବା କରୁଛନ୍ତି। ଏଥିଯୋଗୁଁ ରାସ୍ତା ଉପରେ କାଦୁଅ ଜମି ରହୁଥିବା ବେଳେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି।

# ଏଲ୍ ମାସି ମିଶନ୍ ସ୍କୁଲରେ ମକ୍‌ଡ୍ରିଲ୍

କୋକସରା, ୯।୧୨(ସମିସ): କୋକସରା ବ୍ଲକ ମୋଟେର ଏଲ୍ ମାସି ମିଶନ୍ ସ୍କୁଲରେ ସୋମବାର ଛାତ୍ରଛାତ୍ରୀଙ୍କୁ ନେଇ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଗେଡ୍‌ଜିଲଜନ ମନୋହରମ, ନିର୍ଦ୍ଦେଶକ ଆର୍ଜନ ମନୋହରମଙ୍କ ଉପସ୍ଥିତରେ ଅଗ୍ନି ନିରାପତ୍ତା ବିଷୟରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଗଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନ, ବାସୁଦେବ ଭୋଇ, ଲଳିତ ପୁଟେଲ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରିବେ ଏବଂ ନିଆଁ ଲାଗିଲେ କେମିତି ଲିଭାଇବେ ସେନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ କଳା ପ୍ରଦର୍ଶନ କରି ଦେଖାଇଥିଲେ। ଛାତ୍ରଛାତ୍ରୀ ସମେତ ଶିକ୍ଷକ ଭବିନୀ ଶଙ୍କର, ଦିଲୀପ ସିଂଦେଓ ଓ ସ୍କୁଲ କର୍ମଚାରୀ ଉପସ୍ଥିତ ଥିଲେ।



**● କେସିଙ୍ଗାରେ ନବନିର୍ମିତ ରେଳ ଓଭରବ୍ରିଜ୍ ରାସ୍ତାର ପଥ ବଦଳାଇବା ମାମଲା**

# ତାତିଲେ ବୁଦ୍ଧିଜୀବୀ; ଡାକିଲେ ବୈଠକ



**● ନିର୍ବାଚନ ପରେ ଅଞ୍ଚଳର ସମସ୍ୟା ଭୁଲି ଯାଉଛନ୍ତି ନିର୍ବାଚିତ ପ୍ରତିନିଧି**

କେସିଙ୍ଗା, ୯।୧୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ନିର୍ମାଣ ହେଉଥିବା ଆର ଓ ବି (ରେଳ ଓଭର ବ୍ରିଜ)କୁ ଅଞ୍ଚଳବାସୀ ଅନେକ ଦିନରୁ ବିରୋଧ କରି ଆସୁଛନ୍ତି। ତେବେ ଏହି ବିରୋଧ ଆରଓବିକୁ ନୁହେଁ ବରଂ ଆରଓବି ରାସ୍ତାର ଅବସ୍ଥିତିକୁ ନେଇ। ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ଯୁକ୍ତି ହେଲା ବଲାଙ୍ଗୀର ପଟୁ ଭବାନୀପାଟଣା ଆଡେ ଯିବା ବେଳେ ଆରଓବି ରାସ୍ତା ସହରର ମଧ୍ୟ ଭାଗରେ ଶେଷ ହେଉଛି। ପାଖରେ ଅଛି ଇଣ୍ଡିଆନ ପେଟ୍ରୋଲ ପମ୍ପ ସହିତ ଆବାସିକ ବିଦ୍ୟାଳୟ। ଏହାସହ ଅନେକ ରାଷ୍ଟ୍ରିୟତ ବ୍ୟାଙ୍କ, ଦୋକାନ ବଜାର ରହିଛି। ଅଞ୍ଚଳର ବୁଦ୍ଧିଜିବୀଙ୍କ କହିବା ହେଲା ଆରଓବିକୁ ଦୁଇ ଚାରି କିଲୋମିଟର ଦୂର ଯୋଲକୋ ଛକ କିମ୍ବା ତା ଆଗକୁ ବାହାର କଲେ ଭବିଷ୍ୟତରେ କେସିଙ୍ଗା ସହରର ଉନ୍ନତି ହେବା ସହିତ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ମଧ୍ୟ ରୋକାଯାଇପାରିବ। ଏଥିପାଇଁ ସ୍ଥାନୀୟ ଆମ୍ବେଦକର ଛକସ୍ଥିତ ପଣ୍ଡରା ଭବନରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ରଣନୀତି ପ୍ରସ୍ତୁତ କରାଯାଇଛି। ସୁରେଶ ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ବରିଷ୍ଠ ରାଜନୀତିଜ୍ଞ ମହେନ୍ଦ୍ର ନାଏକ, ଦୟାସାଗର ସାହା, ପୁରନ୍ଦର ଭୋଇ, ସିରୋ ମଣି ମାଝୀ, ପ୍ରଶାନ୍ତ ବାନାର୍ଜୀ, ଦେବେନ୍ଦ୍ର ଭୁଜବଳ, ରଞ୍ଜନ ପଣ୍ଡା, ଚନ୍ଦ୍ର ଶେଖର ଆଚାରି, ପ୍ରତାପ ବାଗ, ରମାକାନ୍ତ ଜେନା, ଦୟା ସୁନାନୀ, ରମେଶ ଜେନା, ଛୋଟୁ ଖାନ, କାମପାଳ ସାହା, ଆଦିତ୍ୟ ପ୍ରଧାନ, ସୁରେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**● କୋମନା ଓ ଉଦ୍ୟାନବନ୍ଧ ଧାନମଣ୍ଡି ଉଦ୍‌ଘାଟିତ**

# ମିଲର୍ସଙ୍କ ଅନୁପସ୍ଥିତିରୁ କିଣା ହେଲାନି ଧାନ



କୋମନା, ୯।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ପ୍ରାଥମିକ ସମବାୟ ସମିତି ଦ୍ୱାରା ପରିଚାଳିତ କୋମନା ଓ ଉଦ୍ୟାନବନ୍ଧ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଗତ ୨୨ ତାରିଖରୁ ଉଭୟ ମଣ୍ଡିରେ ଧାନକ୍ରୟ ପାଇଁ ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯାଇଥିଲେ ମଧ୍ୟ ୧୭ ଦିନ ପରେ ମଣ୍ଡି ଉଦଘାଟନ ହୋଇଥିଲା। ଯାହାଫଳରେ ଚାଷୀମାନେ ଧାନବିକ୍ରି କରିବାଆଶାରେ ଆନନ୍ଦିତ ହୋଇଥିଲେ। ହେଲେ ମିଲର୍ସମାନଙ୍କ ଅନୁପସ୍ଥିତି ଯୋଗୁଁ ଉଦ୍‌ଘାଟନ ପରେ ପ୍ରଥମ ଦିନର ଧାନ କିଣା ନ ହେବାରୁ ଚାଷୀମାନେ ଦୁଖରେ ଭାଙ୍ଗି ପଡ଼ିଥିଲେ। ସଂପାଦକ ବଲ୍ଲଭ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର ମୁଖ୍ୟଅତିଥି, ପ୍ୟାକ୍ସ ସଭାପତି ବଳଭଦ୍ର ଭୋଇ, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ପୁଷ୍ପାଞ୍ଜଳୀ ନାଗ ପ୍ରମୁଖ ଯୋଗଦେଇ ମଣ୍ଡିର ଶୁଭ ଉଦଘାଟନ କରିଥିଲେ। ଏଥିରେ ଚାଷୀ କୈଳାସ ଚନ୍ଦ୍ର ଭୋଇ, ଭୁବନେଶ୍ୱର ନାଏକ, ମନୋରଞ୍ଜନ ପାଣିଗ୍ରାହୀ, ଗଣେଶ ମିଶ୍ର, ଅମୃତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଉଦ୍ୟାନବନ୍ଦ ଧାନମଣ୍ଡି ଶିକ୍ଷାବିତ ଚିତରଞ୍ଜନ ସୁନାନୀ ଓ ସରପଞ୍ଚ ବିଜୟାଲକ୍ଷ୍ମୀ ବରାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଜଣାପଡ଼ିଛି।

**ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ଜିଲ୍ଲାସ୍ତରୀୟ ସମାବେଶ**

# ହକ୍ ପାଇଁ ସରକାରଙ୍କ ବିରୋଧରେ ଗର୍ଜନ

ସିନାପାଲି, ୯।୧୨(ସମିସ)

ବୋଡେନ ବ୍ଲକ ପାତାଳଗଙ୍ଗାରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଆୟୋଜିତ ସମାବେଶରେ ହକ୍ ଓ ଅଧିକାରକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଗର୍ଜିଛନ୍ତି। ନୂଆପଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ଼ ଘେରା ଅଞ୍ଚଳ ହୋଇଥିବା ବେଳେ ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଜଙ୍ଗଲ ଜମିକୁ ଦଖଲ କରି ଆଦିବାସୀ ଓ ପାରମ୍ପରିକ ବନବାସୀ ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଜଙ୍ଗଲର ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ହେଲେ ଏହି ଜମିର ସ୍ୱତ୍ତାଧିକାର ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ସହ ଜଙ୍ଗଲ ଅଞ୍ଚଳରୁ ହଟାଇବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି ବିଭିନ୍ନ ଆଳ ଦେଖାଇ ଚାଲିଥିବା ବେଳେ ବ୍ୟକ୍ତିଗତ ପଟ୍ଟା, ଗୋଷ୍ଠୀ ସମ୍ବଳ ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନରେ ଅହେତୁକ ମନୋଭାବ ପୋଷଣ କରୁଛନ୍ତି ବୋଲି



ସମାବେଶରେ ମତପ୍ରକାଶ ପାଇଥିଲା। ଏଥିରେ ଗ୍ରାମସଭାକୁ ଉଚ୍ଛେଦ ସାଙ୍ଗକୁ ଜଙ୍ଗଲ ଅଧିକାର ଆଇନକୁ ଦୁର୍ବଳ କରିବାର ଚକ୍ରାନ୍ତ କରାଯାଉଥିବା ଅଭିଯୋଗ ହେଉଛି। ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ସରକାର ତତ୍ପରତା ଦେଖାଉ ନ ଥିବାବେଳେ ମୋ ଜଙ୍ଗଲ ଜମି ଯୋଜନାକୁ ସଠିକ ଭାବରେ କାର୍ଯ୍ୟକାରୀ କରୁନାହାନ୍ତି। ଏପରିକି ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ତାକୁ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ। ବର୍ତ୍ତମାନ ଚାଲିଥିବା ମିଳିତ ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ ସାଙ୍ଗକୁ ଗୋଷ୍ଠୀ ସମ୍ବଳ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ଅଣ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବା ଦାବି, କାମ୍ପା ଯୋଜନାରେ ଜଙ୍ଗଲ ବିଭାଗ ଗ୍ରାମର ବିନା ପରାମର୍ଶରେ କାମ କରିବା, ଗ୍ରାମସଭାର ବିନା ପରାମର୍ଶରେ ଚାରାରୋପଣ, ନୂଆପଡ଼ା ଜିଲ୍ଲାକୁ ପେସା ଆଇନ ବଳରେ ସାମିଲ କରିବା, ଅନ୍ୟାନ୍ୟ ଜିଲ୍ଲାରେ ଅଣ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ନୂଆପଡ଼ା ଜିଲ୍ଲାରେ କାର୍ଯ୍ୟକାରୀ କରିବା ସମେତ ଅନେକ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆସନ୍ତା ଜାନୁଆରୀ ୧୫ ତାରିଖରେ ହଜାର ହଜାର ଆଦିବାସୀ ବନବାସୀ ନିଜର ହକ ଅଧିକାର ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି କମିଟି ପ୍ରକାଶ କରିଛି। ସମାବେଶରେ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟିର ଜିଲ୍ଲା ଆବାହକ ମେଘନାଦ ଖର୍ସେଲ, ଜିଲ୍ଲା ସଂଯୋଜକ ହୀରାଲାଲ ମାଝୀ, ଶୁଭ୍ରାଂଶୁ କୁମାର ନାଏକ, ଯୁଧିଷ୍ଠୀର ସାହୁ, ବାବାଜୀ ମାଝୀ, ରୁଦ୍ର ସିଂ ମାଝୀ, ମହେନ୍ଦ୍ର ମାଝୀ, ଚୈତନ୍ୟ ମାଝୀ, ଲକ୍ଷ୍ମଣ ମାଝୀ, ମନୋହର ମାଝୀ, ଟୋପଚନ ମାଝୀ, ପୁଷ୍ପାଦି ନାଏକ ଓ ଦୀନମଣି ଚିନ୍ଦା ସମେତ ଶତାଧିକ ସାମିଲ ରହିଥିଲେ।



# ତୁଟିଲା ବିବାଦ ; ପୂର୍ବଭଳି ମାଣ୍ଡେଲରେ ହିଁ ଚାଲିବ ମଣ୍ଡି

**ଭବାନୀପାଟଣା, ୯ ।୧୨(ସମିସ):**

ନର୍ଲା ପାକ୍ସ ଅଧୀନ ମାଣ୍ଡେଲରୁ ଉପମଣ୍ଡି ଉଠିଯାଇ ଦୁରାପଦରରେ ସ୍ଥାପିତ ହେବା ନେଇ କିଛି ଦିନ ହେଲା ଲାଗି ରହିଥିବା ବିବଦା ଶେଷରେ ସମାଧାନ ହୋଇଛି। ପୂର୍ବପରି ମଣ୍ଡି ଚାଲିବ। ଏଥିପାଇଁ ମାଣ୍ଡେଲ ରାଜୀବ ଭବନ ପାଖରେ ଜାଗା ଚିହ୍ନଟ ହୋଇଛି। ଏହା ଜଣାପଡ଼ିବା ପରେ ଚାଷୀ ମନରେ ଆଶ୍ୱସ୍ତି ପ୍ରକାଶ ପାଇଛି।

୨୦୧୭ରୁ ଚାଲି ଆସୁଥିବା ଧାନ ମଣ୍ଡି ମାଣ୍ଡେଲରୁ ସ୍ଥାନାନ୍ତର ହୋଇ ଦୁରାପଦରରେ ସ୍ଥାପିତ ହେବା ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରି ମାଣ୍ଡେଲରେ ହିଁ ପୂର୍ବପରି ମଣ୍ଡି ଚାଲୁ ରଖିବା ପାଇଁ ଅଞ୍ଚଳର ଚାଷୀ ଜିଦ୍ ଧରି ବସିଥିଲେ। ଏ ନେଇ ଗତ ଶୁକ୍ରବାର ସନ୍ଧ୍ୟାରେ ମାଣ୍ଡେଲ ଅଞ୍ଚଳର ଚାଷୀ ମାର୍କଣ୍ଡ ଜାଲଙ୍କ ନେତୃତ୍ୱରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କୁ ସାକ୍ଷାତ କରିଥିଲେ। ମାଣ୍ଡେଲରେ ହିଁ ପୁନଃ ମଣ୍ଡି ଚାଲୁ କରିବା ପାଇଁ ଅନୁରୋଧ କରିଥିଲେ।

ଏହାସହ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରି ମାଣ୍ଡେଲରେ ପୂର୍ବପରି ମଣ୍ଡି ଚାଲୁ ରଖିବା ପାଇଁ ଦାବି କରିଥିଲେ। ଶେଷରେ ମାଣ୍ଡେଲରେ ପୁନଃ ମଣ୍ଡି ସ୍ଥାପନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଚାଷୀ ନେତା ମାର୍କଣ୍ଡ ଜାଲଙ୍କ ସହ ଦୀନବନ୍ଧୁ ପଧାନ, ଉମାକାନ୍ତ ନାଏକ, ନିର୍ମଳ ଦୀପ, ସାଧୁ ଭୋଇ, ପିତବାସ ଜାଲ, ପିତାମ୍ବର ରଣା, ସତ୍ୟ ପଧାନ, ବୈଦ୍ୟନାଥ ପଧାନ, ଦୟାନିଧି ପଧାନ, ହୃଦାନନ୍ଦ ନାଏକ, ରମେଶ ନାଏକ, ରୋମାଞ୍ଚଳ ନାଏକ, ବୃନ୍ଦାବନ ବାରିକ ଏବଂ ଅଞ୍ଚଳର ଚାଷୀ ନର୍ଲା ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଏବଂ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ଏହାଦ୍ୱାରା ଦଲାଲ ଓ ଅସାଧୁ କର୍ମଚାରୀଙ୍କ ଦୌରାତ୍ମ୍ୟ ଲୋପ ପାଇବ। କେତେକ ଦଲାଲ ମାଣ୍ଡେଲରୁ ଦୁରାପଦରକୁ ମଣ୍ଡି ସ୍ଥାନାନ୍ତର କରି ଭଲ ଦୁଇ ପଇସା ଉପାର୍ଜନ କରିବାର ଯେଉଁ ଜାଲ ବିଛାଇଥିଲେ ତାହା ଫସର ଫାଟିଛି। ୨୦୧୭ରେ ତତ୍କାଳୀନ ନର୍ଲା ବ୍ଲକ ଅଧକ୍ଷା ତଥା ବର୍ତ୍ତମାନର ବିଧାୟିକା ମନୋରମା ମହାନ୍ତିଙ୍କ କରକମଳରେ ମାଣ୍ଡେଲରେ ଧାନମଣ୍ଡି ଉଦ୍‌ଘାଟନ ହୋଇଥିଲା। ସେହି ଦିନଠାରୁ ମାଣ୍ଡେଲରେ ସୁରୁଖୁରୁରେ ଉପମଣ୍ଡି ଚାଲି ଆସୁଥିଲା। ତେବେ ଚଳିତ ବର୍ଷ ଏହି ଧାନମଣ୍ଡି ମାଣ୍ଡେଲରୁ ସ୍ଥାନାନ୍ତର ହୋଇ ହାତୀ ଉପଦ୍ରୁତ ତଥା ଜଙ୍ଗଲ ଭିତରେ ଥିବା ଦୁରାପଦରକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିବା ପରେ ଚାଷୀ ତାତି ଉଠିଥିଲେ। କିଛି ଦଲାଲ ନିଜ ସୁବିଧା ଦୃଷ୍ଟିରୁ ମାଣ୍ଡେଲରୁ ମଣ୍ଡି ନେଇ ଦୁରାପଦରେ ସ୍ଥାପନ କରିଇବାର ମସୁଧାକୁ ଚାଷୀ ତୀବ୍ର ବିରୋଧ କରିଥିଲେ। ମାଣ୍ଡେଲରେ ହିଁ ପୁନଃ ମଣ୍ଡି ଚାଲୁ କରିବା ପାଇଁ ଦାବି ରଖିଥିଲେ। ଯଦି ମାଣ୍ଡେଲରୁ ମଣ୍ଡି ସ୍ଥାନାନ୍ତର ହୁଏ ତେବେ ଆନ୍ଦୋଳନ ହେବ ବୋଲି ଚାଷୀ ଚେତାବନୀ ଦେଇଥିଲେ। ନିର୍ବାଚିତ ଲୋକପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଭେଟିଥିଲେ। ଶେଷରେ ଜିଲ୍ଲା ପ୍ରଶାସନ ମାଣ୍ଡେଲରେ ହିଁ ପୂର୍ବପରି ମଣ୍ଡି ଚାଲୁ ରହିବ ବୋଲି ପ୍ରତିଶ୍ରୁତି ଦେଇଛି।

### ସବୁ ସାରିଦେଲା ଅଦିନିଆ ବର୍ଷା

# ଚାଷୀଙ୍କୁ ବୋଝ ଉପରେ ନଳିତା ବିଡ଼ା

ଜୟପାଟଣା, ୯ ।୧୨(ସମିସ): ପଶ୍ଚିମା ଝଡ଼ ପ୍ରଭାବରେ କଳାହାଣ୍ଡି ଜିଲ୍ଲାରେ ପାଗ ମେଘୁଆ ରହିବା ସହ ସ୍ଥାନେ ସ୍ଥାନେ ବର୍ଷା ହୋଉଛି। ଶୀତ ଦିନେ ଝିପିଝିପି ବର୍ଷାକୁ ଦେଖି ଚାଷୀ ଛାନିଆ ହେଉଛନ୍ତି। ଧାନ ଅମଳ ସମୟରେ ଏଭଳି ପାଗ ଯୋଗୁଁ ଫସଲ ନଷ୍ଟ ହେବା ସହ ଚଳିତ ମଣ୍ଡିରେ ଏଫଏକ୍ୟୁ ମାନ ବାଧ୍ୟତାମୂଳକ ବୋଲି ଶୁଣିବା ପରେ ଚାଷୀ ଚିନ୍ତାରେ ପଡ଼ିଛି। ଅଳ୍ପ ଅଳ୍ପ ବର୍ଷାରେ ମଧ୍ୟ ପାଚିଲା ଧାନ ବିଲରେ ଓଦା ହୋଇଛି। ତଳେ ପଡ଼ି ଯାଇଥିବା ଧାନରେ କାଦୁଅ ଲାଗି ରଙ୍ଗ ପରିବର୍ତ୍ତନ ମଧ୍ୟ ହୋଇଛି। ଏଭଳି ଧାନ ମଣ୍ଡିରେ କିଭଳି ବିକ୍ରି ହେବ ତାହା ହିଁ ବର୍ତ୍ତମାନ ସମୟରେ ବଡ ପ୍ରଶ୍ନ। ଏବେ ଧାନ ଅମଳ ଜୋରସୋରରେ ଚାଲିଛି। କେଉଁଠି ଧାନ କଟା ହୋଇ ବିଲ ଓ ଖଳାରେ ପଡ଼ିଛି ତ ଆଉ କେଉଁଠି ପାଚିଲା ଧାନ କଟା ଅପେକ୍ଷାରେ ଅଛି। ପଶ୍ଚିମା ଝଡ଼ ପ୍ରଭାବରେ କଳାହାଣ୍ଡି ଜିଲ୍ଲାର ଅନେକ ଜାଗାରେ ଶନିବାରଠାରୁ ପାଗ ମେଘୁଆ ରହିବା ସହ ଝିପ୍ ଝିପ୍ ବର୍ଷା ଲାଗିରହିଛି। ଏମିତି ପାଗକୁ ନେଇ ଚାଷୀ ଏବେ ଚିନ୍ତାରେ ଅଛି। ଅମଳ କରିଥିବା ଚାଷୀ ଧାନକୁ ଶୁଖାଇ ପାରୁନି। ଅନ୍ୟପଟେ ବର୍ଷା ଯୋଗୁଁ ଏକର ଏକର ଧାନ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି। ବର୍ଷା ହେବାରୁ ବିଲରେ ପାଣି ଜମିଛି। ପାଚିଲା ଧାନ ବର୍ଷାରେ ଭିଜିଛି। ତେଣୁ ଅମଳ କମିଯିବା ସହ ଧାନର ଗୁଣବତ୍ତା କମି ଯିବା ଆଶଙ୍କା ସୃଷ୍ଟି କରିଛି।

ଜିଲ୍ଲା ପ୍ରଶାସନର ବାରମ୍ବାର ବୈଠକ ପରେ ଜିଲ୍ଲାରେ ୨୨୩ଟି ମଣ୍ଡି ଖୋଲାଯାଇଛି। ୮୦ରୁ ଅଧିକ ମିଲର୍ସ ମଣ୍ଡିରୁ ଧାନ ଉଠାଇବାକୁ ଚୁକ୍ତି କରିଥିବାବେଳେ ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲ୍ଲାରେ ୫୦ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖା ଯାଇଛି। ଏବେ ଅମଳ ସମୟ ହୋଇଥିବାରୁ ପ୍ରାୟ ୭୦ ପ୍ରତିଶତ ଧାନ କଟା ହେବା ପରେ ଚାଷୀ ଖଳାକୁ ଆଣି ସାରିଛନ୍ତି। ବାକି ଧାନ ଏବେ ବି ବିଲରେ ରହିଛି; ଯାହାକି ଏହି ବର୍ଷାରେ ନଷ୍ଟ ହେବାର ଆଶଙ୍କା ରହିଛି। ନୂଆ ସରକାରଙ୍କ ନୂଆ ନିୟମ ପାଇଁ ମଣ୍ଡିକୁ ଧାନ ନେଲେ ଏଫଏକ୍ୟୁ ମାନର ନ ହେଲେ ଫେରାଇ ଦିଆଯାଉଛି; ଯାହା ଫଳରେ ଚାଷୀ ଏହି ବର୍ଷାରେ ମଧ୍ୟ ଖଳାରେ ଧାନକୁ ଜଗି ବସିଛି। ଅନ୍ୟପଟେ ଜିଲ୍ଲାର ୨୦ ପ୍ରତିଶତ ଚାଷୀଙ୍କ ଟୋକନ ଏଯାଏ ଆସିପାରିନାହିଁ। ଏହା ଫଳରେ ଚାଷୀ ରବିଚାଷ ପାଇଁ ପ୍ରସ୍ତୁତ ହେବେ ନା ଖରିଫ ଚାଷ ଧାନକୁ ଖଳାରେ ଜାଗି ରହିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଏହାଦ୍ୱାରା ଦଲାଲ ଓ ଧାନ ବେପାରୀ ସିଧା ସଳଖ ଫାଇଦା ମାରୁଛନ୍ତି। ଗୋଟିଏ ପଟେ ରୋଗ ପୋକ ପ୍ରାଦୁର୍ଭାବ ଏବଂ ଅନ୍ୟପଟେ ବର୍ଷା ଯୋଗୁଁ ଧାନର ମାନ ଠିକ ରହୁନାହିଁ; କିନ୍ତୁ ଏ କଥା ବୁଝିବାକୁ ଆଉ ଶୁଣିବାକୁ କେହି ନାହିଁ। ଏବେ ବି ଚିରାଚରିତ ଢଙ୍ଗରେ ପରୋକ୍ଷ ଭାବେ କଟଣୀ ହେଉଛି। ଫରକ କେବଳ ଏତିକି ବର୍ତ୍ତମାନ ଚାଷୀ କଟନୀ ପାଇଁ ନିଜେ ରାଜି ହେଉଛି।

# ଜଳିଗଲା ୨ ଏକରର ଧାନଖରି

ବୌଦ୍ଧ, ୯ ।୧୨(ସମିସ): ହରଭଙ୍ଗା ବ୍ଲକ ରାମଗଡ଼ ପଞ୍ଚାୟତ କୋଇଲିସୁତା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଜଣେ ଚାଷୀଙ୍କ ଧାନ ଖରି ପୋଡ଼ି ଯାଇଛି। ଚାଷୀ କମ୍ବୁ ମହାକୁଡ଼ ନିଜ ଖେତରେ ଦୁଇ ଏକର ଜମିର ଧାନ କାଟି ଗଦା କରିଥିଲେ। ସୋମବାର ମଧ୍ୟାହ୍ନରେ କ୍ଷେତରେ ନିଆଁ ଲାଗି ଧାନ ଗଦାକୁ ଲାଗିଥିଲା। ଏହାଫଳରେ ଫଳରେ ଧାନ ଗଦା ହୁତୁ ହୁତୁ ହୋଇ ଜଳି ଯାଇଥିଲା। ଧୂଆଁ ବାହାରିବାରୁ ଗ୍ରାମର କିଛି ଲୋକ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ; ହେଲେ ସଫଳ ହୋଇ ନ ଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ସେତେବେଳକୁ ଧାନ ଖରି ସମ୍ପୂର୍ଣ୍ଣ ପୋଡି ଯାଇଥିଲା।

# ନିମ୍ନମାନର ଡ୍ରେନ୍ ନିର୍ମାଣ ଅଭିଯୋଗ



- ବିନା ଚୁକ୍ତିରେ ଚାଲିଛି କାମ
- ସୂଚନାଫଳକ ନାହିଁ

**ଧର୍ମଗଡ଼, ୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାରେ ଧର୍ମଗଡ଼ ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ଏକ ଡ୍ରେନ କାମ ନିମ୍ନମାନର ଓ ବିନା ସୂଚନା ଫଳକରେ ହେଉଥିବା ଅଭିଯୋଗ ହେଉଛି। ଗୋଲାମୁଣ୍ଡା ଉପକଣ୍ଠ ସର୍ବମଙ୍ଗଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ ପୂର୍ତ୍ତ ବିଭାଗ ଦ୍ୱାରା ଏକ ଡ୍ରେନ ନିର୍ମାଣ ହେଉଛି। କାର୍ଯ୍ୟସ୍ଥଳରେ କୌଣସି ପ୍ରକାର ଫଳକ କିମ୍ବା ସୂଚନା ନ ଥିବାରୁ କେତେ ଟଙ୍କା ବ୍ୟୟରେ ଓ କେତେ ଦୂର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ହେବ ସେ ନେଇ ସାଧାରଣ ଲୋକ ଜାଣି ପାରୁନାହାଁନ୍ତି। ଡ୍ରେନ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ବେଳେ ଠିକାଦାର ଜଣକ ନିଜ ମନ ମୁତାବକ କାର୍ଯ୍ୟ କରୁଛି। ଏହା ଫଳରେ ନିର୍ମାଣଧୀନ ଡ୍ରେନର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ତଳେ ଲୁହା ଜାଲି ସହ ବେଡ୍ କଂକ୍ରିଟ ହେବା କଥା; କିନ୍ତୁ କାର୍ଯ୍ୟସ୍ଥଳରେ ମାତ୍ର ଗୋଟିଏ ରଡ୍ ବନ୍ଧା ଯାଇ କଂକ୍ରିଟ କରାଯାଉଛି। ଅନ୍ୟପଟେ ଏହି କାର୍ଯ୍ୟର ଟେଣ୍ଡର ହୋଇନି। ଠିକାଦାର ଓ ବିଭାଗୀୟ ସମ୍ପୃକ୍ତ ଯନ୍ତ୍ରୀଙ୍କ ବୁଝାମଣାରେ ଏହି କାର୍ଯ୍ୟ ହେଉଛି। ଏ ନେଇ ଧର୍ମଗଡ଼ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ମାଝୀଙ୍କୁ ପଚାରିବାରୁ ଏହା ଏକ ଛୋଟ କାମ। ସେଥିପାଇଁ ଚୁକ୍ତି ହୋଇନାହିଁ। ଯଦି ନିମ୍ନମାନର ହେଇଥିବ ତାହା ହେଲେ ତଦନ୍ତ କରାଯିବ ବୋଲି କହିଥିଲେ।

# ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଶଗଡ଼ା, ୯ ।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ରେବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଛି। ଦୁଇ ଦିନଧରି ବାର୍ଷିକ କ୍ରୀଡା ଉତ୍ସବ ପାଳନ ହେବ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜିତେନ୍ଦ୍ରିୟ ହୋତାଙ୍କ ତତ୍ତ୍ୱାବଧାନ ଓ ପ୍ରଧାନ ଶିକ୍ଷକ ନମିତା ନାଏକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚସଖା ଶିକ୍ଷା ସେତୁ ସଭାପତି ଗବେର୍ଦ୍ଧନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥଲେ। ରେଣୁବାଳା ବେହେରା, ଅନ୍ତର୍ଯ୍ୟାମୀ ନୟକ, ଚନ୍ଦ୍ରଶେଖର ମହାକୁଡ଼, ଜ୍ୟୋସ୍ନା ଝାଙ୍କର, ଶ୍ରଦ୍ଧାଞ୍ଜଳି ମହାକୁଲ, ରଶ୍ମିତା ବାରିକ ଓ ସୋନାଲି ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ନବନିଯୁକ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




**କେସିଙ୍ଗା, ୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ କେସିଙ୍ଗା ଶାଖା ତରଫରୁ ନବ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ସୁରେନ୍ଦ୍ର ଦୋରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ନୀଳମାଧବ ପଟ୍ଟନାୟକ, ବିରେନ୍ଦ୍ର ବାଗ ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷୟିତ୍ରୀ ପୁଷ୍ପଲତା ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିବରଣୀ ପାଠ କରିଥିବା ବେଳେ ସଭାପତି ଦୋରା ଏହି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଅବନୀ ରଞ୍ଜନ ପଧାନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ଜ୍ୟୋସ୍ନା ପରିଡ଼ା ଓ ବନ୍ଦନା ଦାଶ ସ୍ୱାଗତ କରିଥିଲେ। ଶିକ୍ଷୟିତ୍ରୀ ସୁଭସ୍ମିତା ଦାଶ, ପୂଜା ବଳସାମନ୍ତ, ପ୍ରିୟମ୍ବଦା ପରିଡ଼ା, ଲକ୍ଷ୍ମୀ ବିଶୋଇ, କୈଳାସ ବିଶି, ପଞ୍ଚାନନ ନାଗ, ବିନୋଦ ବାଗ, ସିଆରସିସି ଭୀଷ୍ମରଥି ସାହୁ, ପ୍ରମୋଦ ମେହେର, ଚନ୍ଦ୍ରଧ୍ୱଜ ନାଗ, ଆଶୁତୋଷ ଭୋଇ, ଗିରିଧାରୀ ମାଝୀ, ଗୋବିନ୍ଦ ବାଗ ଉପସ୍ଥିତ ଥିଲେ। ଖୁସିରାମ୍ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଲଇତରା ସିଆରସିସି ତପନ ଦାଶ ସଂଯୋଜନା କରିଥିଲେ।

# ପାଚିକା ସହାୟିକା ସଂଘର ବିକ୍ଷୋଭ



**ଭବାନୀପାଟଣା, ୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ପାଚିକା ସହାୟିକା ସଂଘ ପକ୍ଷରୁ ୯ଦଫା ଦାବିନେଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଜିଲ୍ଲାର ଶତାଧିକ ପାଚିକା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ବେତନ ୨୮ହଜାର ଟଙ୍କା ପ୍ରଦାନ, ଅବସର ପରେ ଅବସରକାଳୀନ ମାସିକ ଭତ୍ତା ୫ହଜାର, ରୋଷେଇ କାର୍ଯ୍ୟରେ ରନ୍ଧନ ଗ୍ୟାସ ଯୋଗାଣ, ପାଚିକାଙ୍କୁ ଡ୍ରେସ୍ କୋଡ ଲାଗୁ ପ୍ରଭୃତି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ପାଚିକା ଓ ସହାୟିକା ସାମିଲ ହୋଇଥିଲେ। ପୂର୍ବ ସରକାର ମାସିକ ୧୪ ଶହ ଟଙ୍କା ଓ ବୋନସ ରୂପେ ଅଧିକା ୬ ଶହ ଦେବାର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନର ନୂଆ ସରକାର ପାଚିକାମାନେ ଦୀର୍ଘଦିନ ଧରି ସାମ୍ନା କରୁଥିବା ସମସ୍ୟାର ସମାଧାନ କରନ୍ତୁ ବୋଲି କଳାହାଣ୍ଡି ପାଚିକା ସହାୟିକା ମଜଦୁର ସଂଘ ସଭାପତି ତପସ୍ୱିନୀ ମହାରଣା ପ୍ରକାଶ କରିଛନ୍ତି।

# ଗଛରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ଲାଞ୍ଜିଗଡ଼, ୯ ।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଧଅଁରାଭଟା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଜଳଧର ପାତ୍ରଙ୍କ ପୁଅ ଟିକେରାମ ପାତ୍ର (୨୧) କୌଣସି କାରଣକୁ ନେଇ ଗାଁ ନିକଟରେ ଥିବା ଏକ ଗଛରେ ନିଜ ଗାମୁଛା ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଟିକେରାମ ସୋମବାର ବଡ଼ି ଭୋରରୁ ଉଠି ଶୌଚପାଇଁ ଯାଇଥିଲେ। ତାଙ୍କ ବାପା ହଳଧର ମଧ୍ୟ ଶୌଚ ପାଇଁ ଯାଉଥିବା ବେଳେ ଗ୍ରାମ ନିକଟସ୍ଥ ତେନ୍ତୁଳି ଗଛରେ ଝୁଲନ୍ତା ଅବସ୍ଥାରେ ନିଜ ପୁଅକୁ ଦେଖିଥିଲେ। ଏହାପରେ ଗାଁ ଲୋକଙ୍କ ସହାୟତାରେ ଗଛରୁ ତଳକୁ ଓହ୍ଲାଇ ଘରକୁ ଆଣିଥିଲେ। ଏ ସମ୍ପର୍କରେ ସୂଚନା ପାଇ ବିଶ୍ୱନାଥପୁର ଥାନା ଅଧିକାରୀ ମମତା ହେମ୍ବ୍ରମଙ୍କ ନେତୃତ୍ୱରେ ପୁଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଶବ ଜବତ କରିବା ସହିତ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଟିକେରାମକୁ ମୃତ ଘୋଷଣା କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲେ। ଏହା ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଖଳାରେ ଧାନ ଖାଇଗଲେ ହାତୀ

**ବୌଦ୍ଧ, ୯ ।୧୨(ସମିସ):** ବୌଦ୍ଧ ସଦର ରେଞ୍ଜ ବଘିଆପଡ଼ା ସେକ୍‌ସନ ଗୁରୁଜୀମୁଣ୍ଡା ଗ୍ରାମରେ ହାତୀ ଧାନ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଚାଷୀ ଗଜେନ୍ଦ୍ର ମଲ୍ଲିକଙ୍କ ପତ୍ନୀ କୁନ୍ତୀ ମଲ୍ଲିକ କରିଥିବା ଅଭିଯୋଗ ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ହାତୀ ଆସି ତାଙ୍କ ବିଲରେ କଟାଯାଇ ରଖାଯାଇଥିବା ଧାନ ଖାଇ ଦେଇଥିବା ସେ ସୋମବାର ସକାଳେ ଦେଖିବାକୁ ପାଇଥିଲେ। ତଦନ୍ତ କରି ତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

# ଛାତ୍ରଛାତ୍ରୀଙ୍କ ଦନ୍ତ ସ୍ୱାସ୍ଥ୍ୟ ଶିବିର

କେସିଙ୍ଗା, ୯ ।୧୨(ସମିସ): କେନ୍ଦୁପଡ଼ାସ୍ଥିତ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟରେ ଏକ ଦନ୍ତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେଇଯାଇଛି। ବିଦ୍ୟାଳୟର ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେସିଙ୍ଗା ଡାକ୍ତରଖାନାର ଦନ୍ତ ବିଶେଷଜ୍ଞ ଆଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହେଇଯାଇଛି। ଏହି ସ୍ୱତନ୍ତ୍ର ଶିବିରରେ ୩୦୦ ଆବାସିକ ଛାତ୍ରଛାତ୍ରୀଙ୍କ ଦନ୍ତ ପରୀକ୍ଷା କରାଯାଇଥିଲା। ୧୫୩ ଜଣ ଛାତ୍ରଛାତ୍ରୀଙ୍କୁ ଔଷଧ ବିତରଣ କରାଯାଇଥିଲା। ରତିକାନ୍ତ ସୂତାର, ଡାକ୍ତର ବିମଳ ଷଡଙ୍ଗୀ ସହଯୋଗ କରିଥିଲେ। ଜ୍ୟୋସ୍ନାରାଣୀ ବେହେରା, ପଙ୍କଜିନି ରଣା, ନିତୁ ନାୟକ, ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ଉପସ୍ଥିତ ଥିଲେ। ସୁଶାନ୍ତ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ବିଆଇ ଓ ରାମକୀ ଫାଉନଡେସନ୍ ସହଯୋଗରେ ଏହା ଆୟୋଜିତ ହୋଇଥିଲା।



# ଥାନା ଅଧିକାରୀଙ୍କୁ ଭେଟିଲେ ସାମ୍ବାଦିକ



**ଶଗଡ଼ା, ୯ ।୧୨(ସମିସ):** ବୌଦ୍ଧ ଜିଲ୍ଲା ୱେବ ମିଡ଼ିଆ ସଂଘ କର୍ମକର୍ତ୍ତା ମନମୁଣ୍ଡା ଥାନାର ନୂତନ ଅଧିକାରୀ ତରୁଣ ତପନ ବେହେରାଙ୍କୁ ସାକ୍ଷାତ କରିଛନ୍ତି। ଅକ୍ରୁର ବେହେରା, ଆବୁ ବକର ଖାନ, ସିଦ୍ଧେଶ୍ୱର ଗିରି, ହରେକୃଷ୍ଣ ନାୟକ, ଗୋପାଳ ମେହେର, ଆଶିଷ ଠାକୁର, କୃପା ସିନ୍ଧୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲାମୁଣ୍ଡାରେ ଅଭିଯୋଗ ଶୁଣାଣି



**ଧର୍ମଗଡ଼, ୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୯୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବା ବିଡିଓ ଶ୍ରୀଧର ପଣ୍ଡା ସୂଚନା ଦେଇଛନ୍ତି। ଜିଲ୍ଲାପାଳ ସଚିନ ପାୱାର, ସିଡିଓ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ ବେହେରା, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ତହସିଲଦାର ଚନ୍ଦନ ନାୟକ, ପୂର୍ତ୍ତ ବିଭାଗ ଏସଡିଓ ଭୁବନେଶ୍ୱର ଶବର, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ କନିଷ୍ଠ ଯନ୍ତ୍ରୀ ରୀତାରାଣୀ କିଷାନ ପ୍ରମୁଖ ଅଧିକାରୀ ଲୋକଙ୍କ ଦୁଃଖ ଶୁଣିବା ସହିତ ଅଭିଯୋଗ ଗ୍ରହଣ କରିଛନ୍ତି।

# ଗଭୀର ନଳକୂଅ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଫେରାଦ

**ଶଗଡ଼ା, ୯ ।୧୨(ସମିସ):**



- କାମରେ ଲାଗୁନି ଗଭୀର ନଳକୂପ
- ବିଦ୍ୟୁତ୍ ସଂଯୋଗ ହୋଇନି

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଖେମୁଣ୍ଡିଗଡ଼ ଗ୍ରାମରେ ଗଭୀର ନଳକୂପ ଚାଷୀଙ୍କ କାମରେ ଲାଗୁନି। ଗଭୀର ନଳକୂପ ଖନନ ହେବାର ୪ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇନି। ଚାଷୀ ଗଭୀର ନଳକୂପ ଖନନ ପାଇଁ ଧାର କରଜ କରି ଟଙ୍କା ଜମା କରିବା ପରେ ହାତବାନ୍ଧି ନିରାଶରେ ବସିଛି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ୪ବର୍ଷ ହେଲା ଖୋଳାଯାଇଥିବା ଗଭୀର ନଳକୂପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ନଳକୂପ ଖୋଳା ।ଯାଇଛି ସତ; କିନ୍ତୁ ମୋଟର ବସିନାହଁ କି ବିଦ୍ୟୁତ୍ ମଧ୍ୟ ସଂଯୋଗ ହୋଇ ନାହିଁ। କେବଳ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଛି। ତାର ଟଣା ଯାଇନାହିଁ କି ଟ୍ରାନ୍ସଫର୍ମର ବି ବସିନାହିଁ। କ୍ଷେତରେ ଖୋଳା ଯାଇଥିବା ନଳକୂପ ପୋତି ହେବାକୁ ବସିଲାଣି। କ୍ଷେତରେ ପାଣି ଆବଶ୍ୟକ ଥିବାବେଳେ ଚାଷୀ ମରୁଡ଼ି ସମସ୍ୟା ସାମ୍ନା କରିବାକୁ ପଡୁଛି। ସରକାର ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ସମସ୍ୟା ଦେଖାଯାଉଥିବା ଚାଷୀ ପଞ୍ଚା ମଲ୍ଲିକ, ସୁଦାମ ଭୋଇ, ରଞ୍ଜନ ଦିଶିରି, ପ୍ରଫୁଲ୍ଲ ବାକୁଲ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

**କନ୍ଧମାଳରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର**

# ଜିଲ୍ଲାପାଳଙ୍କ ବିଳମ୍ବକୁ ନେଇ ଅସନ୍ତୋଷ

**ଶଗଡ଼ା, ୯ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସମ୍ମିଳନୀ କକ୍ଷରେ ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ବିଳମ୍ବରେ ପହଞ୍ଚିବା ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟ, ବ୍ଲକ ଶିକ୍ଷା ଅଧିକାରୀ ସନୋଜ୍ ସେଠୀ, କଣ୍ଟାମାଳ ଶିଶୁ ବିକାଶ ଅଧିକାରୀଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ସମୁଦାୟ ୫୦ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ୩୭ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ମାମଲା ଥିଲା। ୧୮ଟି ଅଭିଯୋଗର ତ୍ୱରିତ ସମାଧାନ କରା ଯାଇଥିଲା।

## ଅପାର ଆଇଡି ସଂଯୋଗ ନେଇ ସଚେତନତା ଶିବିର



ବିନିକା, ୯।୧୨(ସମିସ): ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ କିପରି ଆପାର ଆଇଡି ସଂଯୋଗ କରିବେ ସେନେଇ ସଚେତନତା ଶିବିର ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରବିନ୍ଦ ଦାସ ଯୋଗଦେଇ ଆପାର ଆଇଡି ଖୋଲିବା ଓ ତାର ମହତ୍ୱ ଉପରେ ପ୍ରାଞ୍ଜଳ ଭାବେ ଅବଗତ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ କିପରି ଏହି ମହତ୍ତ୍ୱ କାର୍ଯ୍ୟକ୍ରମରେ ସାମିଲ ହେବେ ଓ ସୁବିଧା ହାସଲ କରିବେ ସେନେଇ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ପରାମର୍ଶ ଦେଇଥିଲେ। ଶେଷରେ ଇଂରାଜୀ ଅଧ୍ୟାପକ ଆଶୀର୍ବାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଡିଓଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**ମନମୁଣ୍ଡା, ୯ ।୧୨(ସମିସ):**



ପଞ୍ଚାୟତ ସମିତି ସଭାରେ ଆଲୋଚନା ତଥା ସରପଞ୍ଚ, ସମିତି ସଭ୍ୟଙ୍କ ଜ୍ଞାତସାରରେ ପ୍ରତ୍ୟେକ ଉନ୍ନୟନ କାମ କରାଯିବାର ପ୍ରାବଧାନ ରହିଛି; କିନ୍ତୁ କଣ୍ଟାମାଳ ବ୍ଲକରେ ଏହାର ବ୍ୟତିକ୍ରମ ହେଉଛି। କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ କଣ୍ଟାମାଳ ବ୍ଲକ ସଦର ମହକୁମାରେ ଆଲୋକିକରଣ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏକ କାର୍ଯ୍ୟାଦେଶ ନିଜ ଇଚ୍ଛାରେ ମଞ୍ଜୁରୀ କରି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହାକୁ ନେଇ ଅନେକ ସରପଞ୍ଚ, ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ ପୂର୍ବକ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କୁ ଅଭିଯୋଗ କରିଥିଲେ। ଶ୍ରୀମତୀ ସେନାପତି ମଧ୍ୟ ବିଡ଼ିଓଙ୍କ ମନଇଚ୍ଛା କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇଥିଲେ। ବିଡ଼ିଓଙ୍କ ଆଦେଶ ବିରୋଧରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସେନାପତିଙ୍କ ନେତୃତ୍ୱରେ ଅନେକ ସରପଞ୍ଚ ଓ ସମିତି ସଭ୍ୟ କଣ୍ଟାମାଳ ବ୍ଲକ ସଭା ଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଭିଯୋଗ ଉପରେ ବିଚାର କରି ବିଡ଼ିଓଙ୍କ ଆଦେଶକୁ ବାତିଲ କରିଦେଇଛନ୍ତି।

- ଏକାଠି ହେଲେ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ ଓ ସମିତିସଭ୍ୟ
- ବ୍ଲକ ଅଧ୍ୟକ୍ଷାଙ୍କ ଦାବି ପରେ ବିଡିଓଙ୍କ ଆଦେଶ ବାତିଲ

ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୫୬ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଅତିରିକ୍ତ ଏସପି ସାର୍ଥକ ରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, କଣ୍ଟାମାଳ ବିଡ଼ିଓ ସାମ୍ମୀ ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡାକ୍ତର ମହେନ୍ଦ୍ର ସାଏ, ଡିଇଓ ଗେହ୍ରା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା



**ବିନିକା, ୯।୧୨(ସମିସ):** ବିନିକାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୁଇଦିନ ଧରି ଚାଲିଥିବା ୨୮ତମ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଫୁଟବଲ ଖେଳାଳି ବିଜୟ ମହାକୁର, ସମ୍ମାନିତ ଅତିଥି ଭାବରେ ବିନିକା ସ୍ପୋର୍ଟସ କ୍ଲବ ସଦସ୍ୟ ଭୁବନେଶ୍ୱର ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାରେ ଶିଶୁ ବଟିକା ବିଭାଗର ୬୦ ଜଣ, ପ୍ରାକ୍ ଶିଶୁ ବିଭାଗରେ ୧୬୦ ଜଣ, ଶିଶୁ ବର୍ଗରେ୧୪୫ଜଣ, ବାଲ ବର୍ଗରେ ୧୦୩ ଜଣ, କିଶୋର ବର୍ଗରେ ୨୪ ଜଣ ଶିଶୁ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ସ୍ଥଳସେନା କର୍ମଚାରୀ ସୁକେଶ ସାମନ୍ତରା, ବିନିକା ସ୍ପୋର୍ଟସ କ୍ଲବ୍‌ର ପୂର୍ବତନ ଖେଳାଳି ସୃଜନ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ୍ କରିଥିଲେ। ବିଦ୍ୟାଳୟ ସଭାପତି ମାନଗୋବିନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ସଭାରେ ପ୍ରଧାନଆଚାର୍ଯ୍ୟ ଦାଶରଥି ଘିଭେଲା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାରେ ପରିଚାଳନା କମିଟିର ସମ୍ପାଦକ ଗୌରବ ପାଢ଼ୀ, କୋଷାଧ୍ୟକ୍ଷ ପ୍ରଶାନ୍ତ ନାୟକ, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ବାବୁ ଯୋଗଦେଇଥିଲେ। ବିଦ୍ୟାଳୟର ଶାରୀରିକ ପ୍ରମୁଖ ରବୀନ୍ଦ୍ର ବିଭାରଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ପରିଚାଳିତ ହୋଇଥିଲା। କ୍ରୀଡ଼ାକୁ ଆଚାର୍ଯ୍ୟ କିଶୋର ସାହୁ, ପ୍ରମୋଦ ବିଶି, ସନ୍ୟାସୀ ଭୋଇ, ସତ୍ୟ ଭୋଇ, ସୁଶୀଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୪ କେଜି ଗଞ୍ଜେଇ ସହ ବାଇକ୍ ଜବତ; ଦୁଇ ଗିରଫ

**ଶଗଡ଼ା, ୯ ।୧୨(ସମିସ):** ଘଣ୍ଟାପଡ଼ା ପୁଲିସ୍ ୧୪ କେଜି ୧୨୫ ଗ୍ରାମ ଗଞ୍ଜେଇ ସହ ଏକ ବାଇକ୍ ଜବତ୍ କରିଛି। ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। କୁନାଶିଳା ଛକ ନିକଟରେ ପୁଲିସ ଏମାନଙ୍କୁ ଗିରଫ କରିଥିଲା। ଉଭୟ ବାଇକରେ ଏକ ବସ୍ତା ଧରି ଯାଉଥିବା ବେଳେ ପୁଲିସର ସନ୍ଦେହ ହୋଇଥିଲା। ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା।

# ପାଣି ପାଇଁ ହନ୍ତସନ୍ତ ଝାରକୁମୁଣ୍ଡା ଗ୍ରାମବାସୀ



**ବୀରମହାରାଜପୁର, ୯।୧୨(ସମିସ):** ବୀରମହାରାଜପୁର ଉପଖଣ୍ଡ ଅଧୀନ ଚମ୍ପାମାଳ ପଞ୍ଚାୟତର ଝାରକୁମୁଣ୍ଡା ଗ୍ରାମରେ ପାଣି ସମସ୍ୟା ଦେଖାଦେଇଛି। ପ୍ରକଳ୍ପ ଅଛି ହେଲେ ପିଇବା ପାଇଁ ପାଣି ନାହିଁ ବୋଲି ଅଭିଯୋଗ ହେଉଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଝାରକୁମୁଣ୍ଡା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ନିର୍ମିତ ହେଇଥିଲା। ଏଥିରେ ପାଣି ଧାରଣର କ୍ଷମତା ୧ଲକ୍ଷ ଲିଟର ରହିଛି। ୧୩ ମିଟର ଉଚ୍ଚତା ବିଶିଷ୍ଟ ଏହି ପ୍ରକଳ୍ପରେ ପାଇପ୍ ଲାଇନ୍ ବିଛା ଯାଇଥିବା ଦୈର୍ଘ୍ୟ ୫୬୯୫ ମିଟର ଏଚ୍‌ଡିପିଇ। ପ୍ରକଳ୍ପରୁ ଗ୍ରାମାଞ୍ଚଳର ୩୫୦ ଗୃହକୁ ଜଳ ଯୋଗାଣର ବ୍ୟବସ୍ଥା ରହିଛି। ମାତ୍ର ସବୁ ବ୍ୟବସ୍ଥା ଥାଇ ମଧ୍ୟ ଜଳ ଯୋଗାଣ ନାହିଁ, ଲୋକେ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନରେ ପାଇପ୍ ଓ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିରୁଜି ଗଲାଣି। ଏଠାରେ ଲକ୍ଷାଧିକ ଟଙ୍କାରେ ପ୍ରକଳ୍ପ ନିର୍ମାଣ କରି ଗ୍ରାମର ପ୍ରତି ଘରକୁ ପାଇପ୍ ଜଳଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଲୋକଙ୍କୁ ପାଇପ୍ ପାଣି ମିଳି ପାରୁନାହିଁ। ପ୍ରକଳ୍ପ ଲାଗି ତିଆରି ହୋଇଥିବା ଘର ଅପନ୍ତରା ହୋଇ ପଡ଼ିରହିଛି। ପ୍ରକଳ୍ପରେ ନାନା ଅବ୍ୟବସ୍ଥା ଲାଗି ରହିଥିବାରୁ ଜଳଯୋଗାଣ ହୋଇପାରୁନାହିଁ। ବିଦ୍ୟୁତ ଟ୍ରାନ୍ସଫର୍ମର ଲାଗିଛି, ଲଟା ଚରିଗଲାଣି। ପ୍ରକଳ୍ପ ତିଆରି ବେଳେ ନିମ୍ନମାନର କାମ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଉଚ୍ଚସ୍ତରୀୟ ତଦନ୍ତ କରି ପାଇପ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ଲାଗି ଲୋକେ ଦାବି କରିଛନ୍ତି।

**ମା’ ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ସେମିରେ ଦେଉଳମୁଣ୍ଡା ଟିମ୍



**ବୀରମହାରାଜପୁର, ୯।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପକଣ୍ଠ ବାଗବର ପଞ୍ଚାୟତର ଭାଲିଆପଦର ଗ୍ରାମରେ ୧୧ତମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ତୃତୀୟ ଦିବସ। କ୍ରୀଡ଼ାବିତ ନିରୋଦ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନର ମ୍ୟାଚ୍ ପରିଚାଳିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ଉଫୁଲା ଓ ଦେଉଳମୁଣ୍ଡା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଦେଉଳମୁଣ୍ଡା ଟିମ୍ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ଲୁହୁମୁଣ୍ଡା ଓ ନୂଆଁଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଁଗଡ଼ ଟିମ୍ ବିଜୟୀ ହୋଇଥିଲା। ତୃତୀୟ ବା କ୍ୱାଟର ଫାଇନାଲ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ଦେଉଳମୁଣ୍ଡା ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ନୂଆଁଗଡ଼ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଦେଉଳମୁଣ୍ଡା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ଗୁଡିକରେ ରାଜକୁମାର କର୍ଣ୍ଣ, ଅରବିନ୍ଦ ଦେହୁରୀ, ଅଭିଷେକ ପଣ୍ଡା, ରିଙ୍କୁ ହାତୀ ଅମ୍ପାୟାର ଥିବାବେଳେ ରାହୁଲ ଚାନ୍ଦ ସ୍କୋରିଂ ଏବଂ ଧୂମକେତୁ ମେହେର ଧାରାବିବରଣୀ ପ୍ରଦାନ କରିଥିଲେ।

## ଗଞ୍ଜେଇ ଚୋରାଚାଲାଣ ବେଳେ ଜଣେ ଗିରଫ

ବୀରମହାରାଜପୁର, ୯।୧୨(ସମିସ): ବୀରମହାରାଜପୁର ଥାନା ରକ୍ସା ଛକ ନିକଟରେ ପୁଲିସ ପାଟ୍ରୋଲିଂ ବେଳେ ଜଣେ ଯୁବକ ଠାରୁ ଗଞ୍ଜେଇ ଜବତ କରିବା ସହିତ ଚୋରାଚାଲାଣ ମାମଲାରେ ତାଙ୍କୁ ଗିରଫ କରିଛି। ପୁଲିସ ତାପାଖରୁ ୬ କେଜି ୨୨୦ ଗ୍ରାମ ଗଞ୍ଜେଇ ସହିତ ଏକ ବାଇକ୍ ଓ ମୋବାଇଲକୁ ମଧ୍ୟ ଜବତ କରିଛି। ପଚରାଉଚୁରା ସମୟରେ ଗଞ୍ଜେଇ ସମ୍ପର୍କିତ କାଗଜପତ୍ର ଦାଖଲ କରି ନପାରିବାରୁ ପୁଲିସ ତାଙ୍କୁ ଗିରଫ କରିଥିଲା। ଗିରଫ ବ୍ୟକ୍ତି ଜଣକ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁତ୍ର ଜିତୁ ସାହୁ (୧୮)। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା ପୁଲିସ। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଆଇ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଧରାପଡ଼ିଥିଲା।

## ଶ୍ରୀମଦ ଭାଗବତ ପାଠ ଓ ପ୍ରବଚନ ଆରମ୍ଭ

ପଲଶାଗୋରା, ୯ ।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ସଦର ଗ୍ରାମରେ ସପ୍ତାହ ବ୍ୟାପି ଦଶମ ସ୍କନ୍ଦ ଶ୍ରୀମଦ ଭାଗବତ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ସୋମବାର ସକାଳୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ପୂଜକ ଭାବେ ଅଶୋକ ଦାସ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ମିଳନ ମିଶ୍ର ଭାଗବତ ପାଠ କରିଥିଲେ। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦାଶରଥି ବାରିକ ଓ ଯଶ ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ମିଳିଲାନି ଉପଯୁକ୍ତ ଚିକିତ୍ସା; ଚାଲିଗଲା ଜୀବନ

ମନମୁଣ୍ଡା, ୯ ।୧୨(ସମିସ): ମଣିଷ ଗରିବ ହେଲେ ଓ ହାତରେ ଟଙ୍କାର ଅଭାବ ଥିଲେ କେମିତି ଦୟନୀୟ ଜୀବନ ଯାପନର ସମ୍ମୁଖୀନ ହେବାକୁ ପଡେ ଏବଂ ସେଥିପାଇଁ ଜୀବନ ମଧ୍ୟ ଚାଲିଯାଏ ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ମହୁଲବାହାଲି ଗ୍ରାମରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଏହି ଗାଁର ମା ଛେଉଣ୍ଡ ସାଧବ ଭୋଇ (୨୩)।

ସେ ନବମ ଶ୍ରେଣୀରେ ପଢୁଥିଲାବେଳେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲା। ଆଉ ପଢ଼ିବାକୁ ଯାଇ ନ ପାରି ଘରେ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ। ପରେ ତାଙ୍କ ମା’ ଙ୍କ ଦେହାନ୍ତ ହୋଇଯାଇଥିଲା। ବାପା ବିପ୍ର ଭୋଇ ଜଣେ ଦିନ ମଜୁରିଆ। କାମ କଲେ ଚୁଲି ଜଳେ। ନ ହେଲେ ଉପବାସ। ପୁଅ ବଡ ହେଲେ ବାପାଙ୍କ ସେବା କରିବ ଆଶା ଥିଲା। ତାହାର ଓଲଟା ଦେଖିବାକୁ ମିଳିଛି। ବିପ୍ର ସଞ୍ଚିତ ଧନରେ ତଥା ଧାର କରଜ କରି ସାଧବଙ୍କୁ ବିଭିନ୍ନ ଡାକ୍ତରଖାନା ନେଇଥିଲେ। ପକ୍ଷାଘାତ ତଥା ସ୍ନାୟୁ ଜନିତ ରୋଗରେ ଆକ୍ରାନ୍ତ ପୁଅର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକ ପଡ଼ିବ ବୋଲି ଡାକ୍ତର କହିଥିଲେ। ବିପ୍ର ଏ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ; କିନ୍ତୁ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ନ ମିଳିବାରୁ ଭଗବାନଙ୍କ ଭରସାରେ ପୁଅକୁ ଘରେ ରଖିଥିଲେ। ଦିନ ମଜୁରି କରି ପୁଅର ସେବା କରିବା ସହ ରୋଷେଇ କରି ବିପ୍ର ଖାଇବାକୁ ଦେଉଥିଲେ। ଜିଲ୍ଲାପାଳଙ୍କ ନିକଟକୁ ପୁଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ସକାଶେ ବିପ୍ର ଅନେକ ଥର ଯାଇଛନ୍ତି; ହେଲେ କିଛି ସୁଫଳ ମିଳି ପାରି ନ ଥିଲା। ଏପରିକି ଏକ ତିନି ଚକିଆ ସାଇକଲଟିଏ ମଧ୍ୟ ଦେବାକୁ ପ୍ରଶାସନ ଯୋଗ୍ୟ ଭାବି ନ ଥିଲା। ଭଳି ପରିସ୍ଥିତି ମଧ୍ୟରେ ଦିନକୁ ଦିନ ସାଧବଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାକୁ ଲାଗିଲା। ସେ ଖଟରେ ପରିସ୍ରା, ଝାଡ଼ା କରି ଆଉ ଉଠି ବସି ପାରି ନ ଥିଲେ। ବିପ୍ର ମଜୁରୀ ଖଟି ଯିବେ କି ପୁଅର ସେବା କରିବେ ଚିନ୍ତାରେ ପଡ଼ି ଯାଇଥିଲେ; ତଥାପି ଯଥା ସମ୍ଭବ ସେବା କରି ଆସୁଥିଲେ; କିନ୍ତୁ ତାହା ଯଥେଷ୍ଟ ନ ଥିଲା। ଶେଷରେ ସାଧବ ଆଖି ବୁଜିଛନ୍ତି।

## ଫୁଲମୁଠି ଗୋକୁଳାଷ୍ଟମୀ ଯାତ୍ରା ଆରମ୍ଭ

**ବିନିକା, ୯ ।୧୨(ସମିସ):** ବିନିକା ବ୍ଲକ ଅଧୀନ ଫୁଲମୁଠି ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ଗୋପପୁରରେ ଚାଲିଥିବା ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବ ମହାଆଡ଼ମ୍ବର ପୂର୍ଣ୍ଣ ଭାବେ ଆରମ୍ଭ ହୋଇଛି। ଦେବକୀ-ବସୁଦେବଙ୍କ ବିବାହ, ଶୂନ୍ୟବାଣୀ, ଦର୍ପଣ ସିଳାରେ ଦେବକୀର ଷଡ଼ପୁତ୍ର ହତ୍ୟା, କାରାଗୃହରେ କୃଷ୍ଣ ଜନ୍ମ, ଆପେ ଆପେ ଲୁହା ଶିକୁଳି ଖୋଲିଯିବା, କୃଷ୍ଣଙ୍କୁ ଧରି ବସୁଦେବଙ୍କ ଗୋପପୁର ଯାତ୍ରା, ଗୋପପୁରରେ ନନ୍ଦ ଉତ୍ସବ, କୃଷ୍ଣଙ୍କୁ ଗୋ ଚାରଣ ବିଦ୍ୟା ପ୍ରଦାନ ଆଦି ଦୃଶ୍ୟ ମୁକ୍ତାକାଶ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ମଥୁରା ନଗରୀ ଆଖ୍ୟା ପାଇଥିବା ମହୁଲଟିକ୍ରା ପଡ଼ିଆରେ କଂସ ଦରବାର ଉଦ୍‌ଘାଟିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ଆନନ୍ଦ ହୋତାଙ୍କ ସହ କମିଟି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅନୁଷ୍ଠିତ ଲୀଳା ଯାତ୍ରାରେ ଅଭିନୟ କରୁଥିବା କଳାକାରଙ୍କ ଅଭିନୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

# ବାଂଲାଦେଶରେ ହିନ୍ଦୁଙ୍କୁ ଅତ୍ୟାଚାରର ପ୍ରତିବାଦ

**ବୌଦ୍ଧ, ୯ ।୧୨(ସମିସ):**




ପଡୋଶୀ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବୌଦ୍ଧରେ ବିରୋଧ କରାଯାଇଛି। ଭାରତରେ ବେଆଇନ ଭାବେ ଅନୁପ୍ରବେଶ କରି ରହୁଥିବା ବାଂଲାଦେଶଙ୍କୁ ବିତାଡିତ କରି ଦେଶର ଆନ୍ତରିଣ ସୁରକ୍ଷାକୁ ମଜବୁତ କରାଯିବା ଦାବି ହୋଇଛି। ଏ ନେଇ ସୋମବାର ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମିତିର ସଞ୍ଜୋଯକ ଶମ୍ଭୁ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବିଦ୍ୟାର୍ଥୀ ପରିଷଦ, ଇସ୍କନ, ଗାୟତ୍ରୀ ପରିବାର, ତପସ୍ୱିନୀ ପରିବାର, ଶ୍ରମିକ ସଂଘ, କିସାନ ସଂଘ, ଭାରତୀୟ ଜନତା ପାର୍ଟି, ଭାରତୀୟ ଶିକ୍ଷଣ ମଣ୍ଡଳର ସଦସ୍ୟ ଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ମଠର ସାଧୁସନ୍ଥ, ବୁଦ୍ଧିଜୀବୀ ଓ ନାଗରିକ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# ଜିଲ୍ଲାପାଳଙ୍କ କଣ୍ଟାମାଳ ଗସ୍ତ

**ଶଗଡ଼ା, ୯ ।୧୨(ସମିସ):** କଣ୍ଟାମାଳରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା କଣ୍ଟାମାଳ ପ୍ୟାକ୍ସ ସହ ଧାନମଣ୍ଡିରେ ହୋଇଥିବା ବ୍ୟବସ୍ଥା ବୁଲି ଦେଖିଛନ୍ତି। ପରେ କଣ୍ଟାମାଳସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ପରିଦର୍ଶନରେ ଯାଇ ଅବ୍ୟବସ୍ଥାକୁ ନେଇ ଆସନ୍ତୋଷ ପ୍ରକାଶ କରିଥିଲେ। ଆଇଁଲାଚୁଆଁସ୍ଥିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ପାଠ ପଢ଼ା ସହ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଯୋଗୀନ୍ଦ୍ରପୁର ଓ ଶିମିଳି ପଦର ପଞ୍ଚାୟତର ଉଦ୍ୟାନ କୃଷି ବିଭାଗ, ବାୟୋ ଫ୍ଲକ, ମତ୍ସ୍ୟ ପୋଖରୀ ଯୋଜନାରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଶିମିଳି ଦର ପଞ୍ଚାୟତ ବାଘମୁଣ୍ଡା ଗ୍ରାମର ଓମ ସାଇରାମ ଓ ଓମ ସାଇ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ବ୍ରଏଲର କୁକୁଡ଼ା ଫାର୍ମ ବୁଲି ଦେଖିଥିଲେ। ସେହିଭଳି ଯୋଗୀନ୍ଦ୍ରପୁର ପଞ୍ଚାୟତ ଦମାମୁଣ୍ଡା ଗ୍ରାମର ଆଶିଷ ମଲ୍ଲିକଙ୍କ ବ୍ରଏଲର ଫାର୍ମ ବୁଲି ଦେଖିବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ବାୟୋ ଫ୍ଲକରେ ମାଛ ଚାଷ, ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛ ଚାଷ, ବାଓ ଫ୍ଲକ, ମତ୍ସ୍ୟ ପୋଖରୀ ଯୋଜନା ଆଦି ବୁଲି ଦେଖିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଚିନ୍ମୟୀ ସୁଭସ୍ମିତା, ବିଶ୍ୱନାଥ ଖେତି, ଅଂଶୁମାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୬୨ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

**ସୁନ୍ଦରଗଡ଼/କୁତ୍ରା, ୯।୧୨(ସମିସ)**

ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର କୁତ୍ରା କଲ୍ୟାଣ ମଣ୍ଡପରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୬୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୫ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨୦ ଗୋଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୩ ଗୋଟି ଆବେଦନ ରହିଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, କୁତ୍ରା ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ୧୧୬ ଅଭିଯୋଗ ପଞ୍ଜିକୃତ

**ବାଲିଶଙ୍କରା, ୯।୧୨(ସମିସ):** ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୧୬ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ରାମପୁର ସରପଞ୍ଚ ମିନା ଦିଶ୍ରୀଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଜନ ଅଭିଯୋଗ ଶୁଣାଣିରେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ସିଡିପିଓ ପ୍ରତିମା ତନ୍ତୀ ଓ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ବିଶେଷ କରି ଗୁହାଳ ପାଇଁ ୩୦ଜଣ, ଜମି ଉନ୍ନତିକରଣ ପାଇଁ ୨୦ ଜଣ, ଭତ୍ତା ପାଇଁ ୧୦ ଜଣ, ନୂତନ ଗୃହ ପାଇଁ ୫୬ ଜଣ ଏପରି ୧୧୬ ଜଣ ହିତାଧିକାରୀ ଅଭିଯୋଗ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବେଦମତୀ ମହାନନ୍ଦିଆଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଓ କର୍ମଚାରୀ ସହାୟତା କରିଥିଲେ।



## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ



**ସୁନ୍ଦରଗଡ଼, ୯।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସ୍ଥାନୀୟ କୃଷି ତାଲିମ ଏବଂ ଦକ୍ଷତା ବିକାଶ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଓ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ଲେଫ୍ରିପଡ଼ା କୃଷି ଜିଲ୍ଲା ଅଧିକାରୀ ପବିତ୍ର ମୋହନ ସାହୁ, ପାନପୋଷ ଜିଲ୍ଲା କୃଷି ଅଧିକାରୀ ଜି. ଜିୟନ, ବଣାଇଁ କୃଷି ଜିଲ୍ଲା ଅଧିକାରୀ ମନୋଜ କୁମାର ପ୍ରଧାନ, ମୃତ୍ତିକା ବୈଜ୍ଞାନିକ ଡଃ. ମନୋଜ କୁମାର ଜେନା ପ୍ରମୁଖ ଯୋଗଦେଇ ବୈଷୟିକ ଆଲୋଚନା କରିଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ଦିପ୍ତୀ ପଟେଲଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ୨୦ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ସହ ପୂର୍ବରୁ ଅନୁଷ୍ଠିତ ପୋଷ୍ଟର ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନବନିର୍ମିତ କୃଷକ ପ୍ରଶିକ୍ଷଣ କେନ୍ଦ୍ରର ମୃତ୍ତିକା ପରୀକ୍ଷାଗାରକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଦ୍‌ଘାଟନ କରିଥିଲେ।

### ୬୬୨ ଅଧ୍ୟାପକ କର୍ମଚାରୀ ସଂଘର ବୈଠକ

## ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ନିଷ୍ପତ୍ତି

**ସୁନ୍ଦରଗଡ଼, ୯।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ୬୬୨ ଅଧ୍ୟାପକ ଓ କର୍ମଚାରୀ ସଂଘ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ସଂଘର ଉପସଭାପତି ଅଶୋକ କୁମାର ଦାଶ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଏକଜୁଟ୍ ହୋଇ ଆସନ୍ତା ୧୭ ତାରିଖରେ ଭୁବନେଶ୍ୱର ଠାରେ ହେବାକୁଥିବା ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ନିଖିଳ ଓଡ଼ିଶା ୬୬୨ +୨ ଓ +୩ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ଗୋଲକ ନାୟକ ରାଜ୍ୟ ସରକାରଙ୍କ ନୀତି ଓ ଆଗାମୀ ଆନ୍ଦୋଳନର ଅଭିପ୍ରାୟ ତଥା କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବଡ଼ଗାଁ + ୩ ଡିଗ୍ରୀ କଲେଜର ଅଧ୍ୟକ୍ଷା ବନଜା ଷଡ଼ଙ୍ଗୀ ପ୍ରମୁଖ ଅବସରର ଦ୍ୱାର ଦେଶରେ ଥିବାରୁ ପେନ୍‌ସନ୍ ପାଇଁ ଆପ୍ରାଣ ଚେଷ୍ଟା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଉପଦେଷ୍ଟା ଯଦୁମଣି ଦାଶ ଆଗାମୀ ୧୭ ତାରିଖରେ ସମସ୍ତ ୬୬୨ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କୁ ଭୁବନେଶ୍ୱରରେ ଉପସ୍ଥିତ ରହି ଦିନ ସାଢ଼େ ୧୨ଟାରେ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ଆରମ୍ଭ ହେବାକୁ ଥିବା ରାଲି ଓ ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ ଜଣାଇ ଥିଲେ। ବୈଠକରେ ସୁନ୍ଦରଗଡ଼ ସଦର, ବଣାଇ ଓ ରାଉରକେଲା ସବ୍‌ଡିଭିଜନର ବିଭିନ୍ନ ୬୬୨ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଏବଂ ଅଧ୍ୟକ୍ଷ ଯୋଗଦେଇ ଏହି ଆନ୍ଦୋଳନକୁ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ। ପେନ୍‌ସନ୍ ନ ପାଇ ଅବସର ନେଇଥିବା ଅନେକ ଅଧ୍ୟାପକ ଓ କର୍ମଚାରୀ ଏହି ଆନ୍ଦୋଳନରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଜିଲ୍ଲା ସଂଘର ଜମାଖାତାରେ ଆର୍‌ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିବା ସହ ଧନ୍ୟବାଦ ଦେଇଥିଲେ।

## ଇସ୍ପାତ ନାଟ୍ୟ ମହୋତ୍ସବରେ 'ଗିରଫ'



**ରାଉରକେଲା, ୯।୧୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତାରେ ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବ ୨୦୨୪ର ୮ମ ଦିବସରେ ପ୍ରୟାସର ନାଟକ 'ଗିରଫ' ମଞ୍ଚସ୍ଥ ହୋଇଥିଲା। ପ୍ରବୀର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପ୍ରାକ୍ତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ସୁବ୍ରତ ତରାଇ ଯୋଗ ଦେଇଥିବା ବେଳେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାମ୍ବର ଅଫ କମର୍ସର ପ୍ରାକ୍ତନ ସଭାପତି ବ୍ରିଜ ମୋହନ ଅଗ୍ରୱାଲ, ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଡାକ୍ତର ଉତ୍ତମ କୁମାର ଜେନା, ଆନନ୍ଦ ଚନ୍ଦ୍ର ମହାନ୍ତି, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପାରେଶ୍ୱର ବିଶ୍ୱାଳ, ନୟନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏକତ୍ର ପକ୍ଷରୁ କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ ସ୍ୱାଗତ ଅଭିଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ଡ. ନିବେଦିତା ଜେନା ନାଟକ ରଚନା କରିଥିବାବେଳେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଗଙ୍ଗାଧର ରାଉତ, ରାଜେଶ ରାୟ, ଦିନେଶ ନନ୍ଦ, ସୌମ୍ୟରଞ୍ଜନ ବାରିକ, ନିବେଦିତା ଜେନା, ସନ୍ତୋଷିନୀ ବାରିକ, ଆୟୁଶ୍ରୀ ସାମଲ, ସନ୍ଧ୍ୟାରାଣୀ ରାଉତ, ଦିବ୍ୟାଂଶା ପଟ୍ଟନାୟକ, ପ୍ରିୟାଂଶୀ ସରଭଙ୍ଗ, ଆଶ୍ରିତା ପ୍ରଧାନ, ଶୁଭସ୍ମିତା ବାରିକ, ରାଜଶ୍ରୀ ଦ୍ୱିବେଦୀ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ଗୁଲାବ ଓ ପ୍ରମୋଦ, ମଞ୍ଚସଜ୍ଜାରେ ରମେଶ ସାହୁ, ଆଲୋକରେ ରାଜେଶ କୁମାର, ମଞ୍ଚ ପରିଚାଳନାରେ ସୁଶାନ୍ତ କୁମାର ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

## ଗଡ଼ିଲା ମାଣ୍ଡିଆ ସଚେତନତା ରଥ



**ସୁନ୍ଦରଗଡ଼, ୯।୧୨(ସମିସ):** ଶ୍ରୀଅନ୍ନ ଯୋଜନା ମାଧ୍ୟମରେ ଗାଁ ଗାଁରେ ଚାଷୀଙ୍କୁ ବିଭିନ୍ନ ପୁଷ୍ଟିଶସ୍ୟ ଚାଷ କରିବା ସହିତ ମାଣ୍ଡିଆ ବିକ୍ରୟ କରିବା ନିମନ୍ତେ ସହଯୋଗୀ ସଂସ୍ଥା ସେବକ ପକ୍ଷରୁ ଟାଙ୍ଗରପାଲି ବ୍ଲକରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ଟାଙ୍ଗରପାଲି ବ୍ଲକର ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ଗୋଷ୍ଠୀ କୃଷି ଅଧିକାରୀ ସୋନିଆ ଟପ୍ପୋ, ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, କୃଷି ପରାମର୍ଶଦାତା ଉଦିତ କୁମାର ନାଏକ, ମିଶନ ଶକ୍ତିର ବିପିସି ରୀନା ସଂଯୁକ୍ତା ଲାକ୍ରା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ରଥ ଦୀର୍ଘ ୪ ଦିନ ଧରି ଟାଙ୍ଗରପାଲି ବ୍ଲକର ୧୩ଟି ପଞ୍ଚାୟତ ଭ୍ରମଣ କରି ଚାଷୀମାନଙ୍କୁ ମାଣ୍ଡିଆ ବିକ୍ରୟ ନିମନ୍ତେ ପଞ୍ଜୀକରଣ ବିଷୟରେ ଅବଗତ କରାଇବ। କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର, ଚାଷୀ, ବସୁଧା କୃଷକ ସଙ୍ଗଠନର ବିଓଡି ସଭା, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ। ସେବକର ହେମନ୍ତ ପୃଷେଠ୍, ଅମୀୟ ରଞ୍ଜନ ଲେଙ୍କା, ଅଜୟ ସୁନ୍ୟାନି, ସରିତା ବୁଢ଼ା, କ୍ରିତିକା ସିଂ ଓ ସିଆର୍‌ପିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୦୪.୩ କ୍ୱିଣ୍ଟାଲ ଗହମ ହଡ଼ପ, ଟ୍ରକ୍ ଚାଳକଙ୍କ ବିରୋଧରେ ଏତଲା

**ସୁନ୍ଦରଗଡ଼, ୯।୧୨(ସମିସ):** ପରିବହନ କାର୍ଯ୍ୟରେ ନିୟୋଜିତ ଏକ ଟ୍ରକର ଚାଳକ ୨୦୪.୩ କ୍ୱିଣ୍ଟାଲ ଗହମ ହଡ଼ପ କରି ଫେରାର ହୋଇ ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ଭଷ୍ମା ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଝାରସୁଗୁଡା ସ୍ଥିତ ହରିଓମ ଏଣ୍ଟରପ୍ରାଇଜେସର ସ୍ୱତ୍ତ୍ୱାଧିକାରୀ ବିମଳପ୍ରସାଦ ବୁନ୍ଦିଆ ଗତ ୫ ତାରିଖରେ ଜାମତଳିଆ ସ୍ଥିତ ତାଙ୍କ ଗୋଦାମରୁ ଏହି ଗହମ ଢେଙ୍କାନାଳର ଏକ ଫ୍ଲୋର ମିଲକୁ ଭଡ଼ା ଟ୍ରକ ଯୋଗେ ପଠାଇ ଥିଲେ। ତେବେ ଟ୍ରକ ଚାଳକ ସୁଧାଂଶୁ ସାମଲ ଉକ୍ତ ଗହମକୁ ଠିକଣା ଜାଗାରେ ପହଞ୍ଚାଇ ନାହାନ୍ତି। ଏବେ ତାଙ୍କ ମୋବାଇଲ ସୁଇଚଅଫ୍ ରହିଛି। ଗହମର ମୂଲ୍ୟ ୬, ୨୩, ୧୦୦ ଟଙ୍କା ହେବ ବୋଲି ବିମଳ ତାଙ୍କ ଏତଲାରେ ଦର୍ଶାଇଛନ୍ତି।

ରିଜର୍ଭ ଇନିସପେକ୍ଟର ଲକ୍ଷ୍ମୀଧର ବେହେରା, ସର୍ଜେଣ୍ଟ ବିଶ୍ୱଜିତ୍ ତାରିଣୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ସମସ୍ତ ଜୋନାଲ ଡିଏସପି, ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅନ୍ନପୂର୍ଣ୍ଣା ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## କଳିଙ୍ଗ ଏଫ୍‌ସିକୁ ହରାଇଲା ଡୁଡ଼ାଲଗା ଏସ୍‌ଏସ୍

**ସୁନ୍ଦରଗଡ଼, ୯।୧୨(ସମିସ):** ସର୍ଗିପାଲି ଶ୍ରୀଶ୍ରୀ ଗୋକୁଳାଷ୍ଟମୀ ଯାତ୍ରା ଅବସରରେ ସମଲେଶ୍ୱରୀ କ୍ଲବ୍ ପକ୍ଷରୁ ଅର୍ଣ୍ଣପୂର୍ଣ୍ଣା ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଏସ୍‌ଏସ୍ କ୍ଲବ୍ ଡୁଡ଼ାଲଗା ଏବଂ ଝାରସୁଗୁଡ଼ା ଜିଲ୍ଲାର କଳିଙ୍ଗ ଏଫ୍‌ସି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିରେ ଏସ୍‌ଏସ୍ କ୍ଲବ୍ ଟିମ୍ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରତାପ ନାରାୟଣ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ଗିପାଲି ଲ୍ୟାମ୍ପସ୍ ସଭାପତି ରିତେଶ କୁମାର ସିଂହ, କିଶୋର ଚନ୍ଦ୍ର ପଟେଲ, ଏସ୍ ଆର୍ ଡି ଏମ୍‌ଏନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନାତନ ଖୁଣ୍ଟିଆ ଓ ସଂଗ୍ରାମ ସିଂହ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଆର୍ଥିକ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ କଳିଙ୍ଗ ଏଫ୍‌ସିର ଖେଳାଳି ଆଶିଷ ଓରାମ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର୍ ଭାବେ କଳିଙ୍ଗ ଏଫ୍‌ସିର ତୁଲା ଓରାମ, ଶ୍ରେଷ୍ଠ ଗୋଲକିପର୍ ଭାବେ ଏସ୍‌ଏସ୍ କ୍ଲବ୍ ଡୁଡ଼ାଲଗାର ଅଭିଷେକ, ଶ୍ରେଷ୍ଠ ଡିଫେଣ୍ଡର ଭାବେ କଳିଙ୍ଗ ଏଫ୍‌ସିର ଭିକି ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ରେଫରୀ ଅଶୋକ ପାଣ୍ଡବ, କୁମରମଣି ଛତ୍ରିଆ, ହେମନ୍ତ ଦାସ, ସୁଶାନ୍ତ ଷଣ୍ଢ ଏବଂ ରାଜେଶ କିଶାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବ୍ କର୍ମକର୍ତ୍ତା ପ୍ରଦୀପ ତନ୍ତୀ, ଲିଙ୍ଗ ଓରାମ, ସୁବାଷ ଓରାମ, ବିଶିକେଶନ ତନ୍ତୀ, ସମୀର ଓରାମ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା



## ସାହିତ୍ୟିକ ଭଗବାନ ପଟେଲ ସମ୍ବର୍ଦ୍ଧିତ



**ସୁନ୍ଦରଗଡ଼, ୯।୧୨(ସମିସ):** ଟାଙ୍ଗରପାଲି ବ୍ଲକ ଦଳଦଳି ଗ୍ରାମର ପ୍ରାବନ୍ଧିକ ଡଃ. ଭଗବାନ ପଟେଲଙ୍କୁ ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଡଃ. ପଟେଲଙ୍କ ସାମଗ୍ରିକ କୃତୀ ନିମନ୍ତେ ପଞ୍ଚଦଶ ବାର୍ଷିକ ଉତ୍ସବରେ ସେ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟଲାଭ କରିଛନ୍ତି। ପ୍ରାବନ୍ଧିକ ଡଃ. ପଟେଲଙ୍କ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ନିରବିଚ୍ଛିନ୍ନ ସାଧନା ତଥା ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି। ଜଣେ ଅଗ୍ରଗଣ୍ୟ ତଥା ପ୍ରତିଷ୍ଠିତ ସାରସ୍ୱତ ସାହିତ୍ୟ ସାଧକ ଭାବେ ସେ ଅନେକ ବିରଳ ସମ୍ମାନର ଅଧିକାରୀ ହେବା ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ସାଲବିଲା ଚାମ୍ପିଅନ୍

**ସୁନ୍ଦରଗଡ଼, ୯।୧୨(ସମିସ):** ବଡ଼ଗାଁ ବ୍ଲକ ସାଲବିରା ଗ୍ରାମ ଖେଳପଡ଼ିଆରେ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮୭ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଶିବାନୀ କ୍ଲବ୍ ସାଲବିରା ଓ ମହାବୀର କ୍ଲବ୍ ବିରବିରା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଖେଳରେ ଶିବାନୀ କ୍ଲବ୍ ଚାମ୍ପିଅନ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳ ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ କୁମାର ଦେଓ, ବିକାଶ କୁମାର ମାଝୀ, ଘନଶ୍ୟାମ ନାଏକ ଏବଂ ମିଲୁ ଖଡ଼ିଆ ଖେଳ ପରିଚାଳନା କରିଥିଲେ। ପ୍ରମୋଦ ମାଝୀ, କ୍ଷୀରୋଦ ଧରେଇ, ପରମେଶ୍ୱର ମୁଣ୍ଡା, ରାଜେନ୍ ମୁଣ୍ଡା, ଅଙ୍କିତ ସାହୁ, ଅମିତ୍ ଚାମ୍ପିଆ, ଆନନ୍ଦ ପ୍ରକାଶ ଚାମ୍ପିଆ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

## ପୁତୁରା ଠେଙ୍ଗା ମାଡ଼ରେ କକା ଗୁରୁତର

**ହେମଗିର, ୯।୧୨(ସମିସ):** ହେମଗିର ଥାନା ଅନ୍ତର୍ଗତ ହେମଗିର ଗ୍ରାମ ଠାରେ ପୁତୁରାଙ୍କ ଠେଙ୍ଗା ମାଡ଼ରେ କକା ଗୁରୁତର ହୋଇଥିବା ନେଇ ଥାନା ରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି, ଅଭିଯୋଗ ଅନୁସାରେ ହେମଗିର ନିବାସୀ ଯୁଧିଷ୍ଠିର ଧରେଇ (୪୯)ଙ୍କୁ ରବିବାର ରାତି ପ୍ରାୟ ୧୧ଟା ବେଳେ ତାଙ୍କ ପୁତୁରା ସୁରେନ୍ଦ୍ର ବଇଠାରୁ କୌଣସି କାରଣକୁ ନେଇ ଠେଙ୍ଗାରେ ମାଡ ମାରିଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ଯୁଧିଷ୍ଠିର ଗୁରୁତର ହୋଇ ପଡ଼ିଥିଲେ, ଏ ନେଇ ଆଜି ପ୍ରାଥମିକ ଚିକିତ୍ସା ପରେ ଯୁଧିଷ୍ଠିର ଧରେଇ ନିଜ ପୁତୁରା ସୁରେନ୍ଦ୍ର ବଇଠାରୁ ଙ୍କ ବିରୁଦ୍ଧରେ ହେମଗିର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି, ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବାଙ୍ଗୁରକେଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ହେମଗିରି, ୯।୧୨(ସମିସ):** ହେମଗିର ବ୍ଲକ ବାଙ୍ଗୁରକେଲାଠାରେ ଭିଏସ୍‌ଏସ୍ ଯୁଥ୍ କ୍ଲବ ବାଙ୍ଗୁରକେଲା ପକ୍ଷରୁ ଅୟୋଜିତ ୩୬ ତମ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଓ ରବିବାର ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭିଏସ୍‌ଏସ୍ କ୍ଲବ୍ ବାଙ୍ଗୁରକେଲା ଓ ସୁନ୍ଦରଗଡ଼ ରେଡ୍ ମଧ୍ୟରେ ହୋଇଥିବା ବେଳେ ଭି ଏସ୍‌ଏସ୍ କ୍ଲବ୍ ବାଙ୍ଗୁରକେଲା ବିଜେତା ଓ ସୁନ୍ଦରଗଡ଼ ରେଡ୍ ଉପବିଜେତା ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ସଂଗ୍ରାମ ସିଂହ, ସୁକାନ୍ତ ପତି, ଜିଲ୍ଲା ପରିଷଦ ସଭ୍ୟ ମହିମା ସେଠ୍, କଳାକାହ୍ନୁ ମେହେର, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ସରପଞ୍ଚ ବଲିଙ୍ଗା ସୁଭଦ୍ରା ବଏଗକ୍ଷ, ସମିତି ସଭ୍ୟ ବଲିଙ୍ଗା ଧନେଶ୍ୱର ବଗର୍ତ୍ତୀ, ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଙ୍କୁ ଟ୍ରଫି ସହ ନିର୍ଦ୍ଧାରିତ ରାଶି ଦେଇ ପୁରସ୍କୃତ କରିଥିଲେ, ଏହି ଟର୍ଣ୍ଣାମେଣ୍ଟକୁ ଭି ଏସ ଏସ ଯୁଥ କ୍ଲବ ର ସମୀର କିଷାନ, ଧନେଶ୍ୱର ଦେହୁରୀ, ଚୂଡ଼ାମଣି ବିଶ୍ୱାଳ, ଅଭିରାମ ମହାକୂଳ, କିରଣ ନାଏକ, ଉପେନ୍ଦ୍ର ସା, ଉଦିତ ଭଏସାଲ, ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




### ଜିଲ୍ଲାସ୍ତରୀୟ ଏକାଦଶ କୃଷି ଗଣନା ସର୍ଭେ ତାଲିମ

## କ୍ଷେତ୍ରରୁ ସଠିକ୍ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ

**ଜିଲ୍ଲାସୁନ୍ଦରଗଡ଼, ୯।୧୨(ସମିସ)**

ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ସୋମବାର ଜିଲ୍ଲାସ୍ତରୀୟ ଏକାଦଶ କୃଷି ଗଣନାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସର୍ଭେ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଭାବନା ଭବନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରୁ ଯୁଗ୍ମ ନିର୍ଦ୍ଦେଶକ ଡଃ ବିଜ୍ଞାନାନନ୍ଦ ମହାନ୍ତି, ଓଏସ୍‌ଡି ପ୍ରମୋଦ କୁମାର ମହାନ୍ତି ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଭାରପ୍ରାପ୍ତ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରଦୀପ କୁମାର ତୀର୍କି ଓ ପରିସଂଖ୍ୟାନ ଅଧିକାରୀ ଯୋଗଦେଇ ସମସ୍ତ ତାଲିମ ଗ୍ରହଣକାରୀଙ୍କୁ କ୍ଷେତ୍ରରୁ ସଠିକ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମାଷ୍ଟର ଟ୍ରେନର୍ ଭାବେ ପରିସଂଖ୍ୟାନ ଅଧିକାରୀ ବିଜେତା କିଷାନ ଓ ଅଜିତ କୁମାର ସେଠୀ ଯୋଗ ଦେଇଥିଲେ।

୨୦୨୧-୨୨କୁ ସୂଚକ ବର୍ଷ ନେଇ ଏହାର ପ୍ରଥମ ପର୍ଯ୍ୟାୟ ଗଣନା ଜିଲ୍ଲାର ସମସ୍ତ ୧୭ ତହସିଲର ୧୭୯୨ ନମୁନା ଗ୍ରାମରେ ସର୍ଭେ ସରିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ସମସ୍ତ ତହସିଲ ଅନ୍ତର୍ଗତ ୩୪୬ ନମୁନା ଗ୍ରାମରେ ସର୍ଭେ ହେବ। ଏ ନେଇ ସମସ୍ତ ତହସିଲର ଗଣନାକାରୀ ଓ ସୁପରଭାଇଜର ଆଦି ୧୧୮ ଜଣଙ୍କୁ ତାଲିମ ଦିଆଯାଇଛି। ତାଲିମ କାର୍ଯ୍ୟରେ ଜିଲ୍ଲାର ସମସ୍ତ ତହସିଲର ନିର୍ଦ୍ଦିଷ୍ଟ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଓ ଭିଏଡବ୍ଲୁ, ପରିସଂଖ୍ୟାନ ଅଧିକାରୀ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ, ନିରୀକ୍ଷକ ଯୋଗ ଦେଇଥିଲେ।



